**ସଂକ୍ଷେପରେ**

## ଭୋଟ ଗଣତିକୁ ନେଇ ବ୍ୟାପକ ପ୍ରସ୍ତୁତି

ପଟ୍ଟାମୁଣ୍ଡାଇ,୨।୬(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନମଣ୍ଡଳୀ ଅଧୀନ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୨୦ ୱାର୍ଡ ସମେତ ୧୯ ପଞ୍ଚାୟତ ପାଇଁ ଶନିବାର ଭୋଟ ଗ୍ରହଣ ଶେଷ ହୋଇଛି । କାଁଭାଁ ଉତ୍ତେଜନାକୁ ବାଦ୍ ଦେଲେ ମତଦାନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇ କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ଷ୍ଟ୍ରଙ୍ଗ ରୁମରେ ରଖାଯାଇଛି । ଆସନ୍ତା ୪ ତାରିଖରେ ଭୋଟ ଗଣତି ହେବ । ଏଥିନେଇ ପ୍ରସ୍ତୁତି ସରିଛି । ଅନ୍ୟପକ୍ଷେ ଏକ୍‌ଜିଟ୍ ପୋଲ ରିପୋର୍ଟ ଆସିବା ପରେ ପଟ୍ଟାମୁଣ୍ଡାଇ ରାଜନୀତିକୁ ନେଇ ନାନା କଥା ଆଲୋଚନା ଚାଲିଛି ।

ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ୧୩୩ ବୁଥ୍‌ରେ ମତଦାନ ଅନୁଷ୍ଠିତ ହୋଇଥିଲା। ୧ ଲକ୍ଷ ୩୬ ହଜାର ଭୋଟରଙ୍କ ମଧ୍ୟରୁ ୬୫.୪୫ ପ୍ରତିଶତ ଭୋଟର ନିଜ ମତଦାନ ଅଧିକାର ସାବ୍ୟସ୍ତ କରିଥିଲେ । ଏବେ ନିର୍ବାଚନ ଫଳାଫଳକୁ ନେଇ ଚାଲିଛି ଅଙ୍କ କଷା । ଏକ୍‌ଜିଟ୍ ପୋଲ ରିପୋର୍ଟ କେତେ ମାତ୍ରାରେ ଠିକ୍ ହେବ ତାହା ଆସନ୍ତା ୪ରେ ଫଳାଫଳ ବାହାରିବା ପରେ ସ୍ପଷ୍ଟ ହୋଇଯିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ରଖିଛନ୍ତି । ଚଳିତ ନିର୍ବାଚନରେ ରାଜନଗର ବିଧାନସଭା ଆସନର ଭୋଟରମାନେ ଏତେ ମାତ୍ରାରେ ନୀରବ ଥିଲେ ଯେ, ଫଳାଫଳ କାହା ସପକ୍ଷରେ ଯିବ ସେକଥା ଆକଳନ କରିବା ବଡ଼ ମୁସ୍କିଲ ହୋଇଯାଇଛି ବୋଲି ରାଜନୈତକ ସମୀକ୍ଷକମାନେ କହିଛନ୍ତି ।

# ଜଗତ୍‌ସିଂହପୁର, ପାରାଦୀପ ବିଧାନସଭା କ୍ଷେତ୍ରରେ କଡ଼ା ମୁକାବିଲା

ଜଗତ୍‌ସିଂହପୁର, ୨।୬ (ପ୍ରମୋଦ କୁମାର ନାୟକ)

**୨୦୨୪ ସାଧାରଣ ନିର୍ବାଚନ ଫଳାଫଳକୁ ନେଇ ଚର୍ଚ୍ଚା**

- ବାଲିକୁଦା-ଏରସମା ଓ ପାରାଦୀପ, କାକଟପୁର ଓ ନିଆଳିରେ ବିଜେଡି ଓ ଭାଜପା ପ୍ରତିଦ୍ୱନ୍ଦ୍ୱିତା
- ତିର୍ତ୍ତୋଲରେ ତ୍ରିମୁଖୀ ଲଢ଼େଇ

୨୦୨୪ ନିର୍ବାଚନ ଗତ ୧ ତାରିଖରେ ଶେଷ ହୋଇଛି। ଇଭିଏମ୍‌ରେ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇସାରିଛି। ମଙ୍ଗଳବାର ଗଣତି ହେବ। ତା'ପୂର୍ବରୁ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଓ ଜିଲାର ୪ ବିଧାନସଭା ଆସନରେ କିଏ ଜିତିବ ସେନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ଜଗତ୍‌ସିଂହପୁର ଲୋକ ସଭା ଆସନରେ ବିଜେଡି ଓ ଭାଜପା ମଧ୍ୟରେ ଭଲ ଲଢ଼େଇ ହୋଇଥିବା କୁହାଯାଉଛି। ଅନୁରୂପ ଭାବେ ଜଗତ୍‌ସିଂହପୁର ଜିଲାର ୪ ବିଧାନସଭା ଆସନ ମଧ୍ୟରୁ ଜଗତ୍‌ସିଂହପୁର ଓ ପାରାଦୀପରେ ଭାଜପା-ବିଜେଡି ମଧ୍ୟରେ କଡ଼ା ମୁକାବିଲା ହୋଇଥିବା ଆକଳନ କରାଯାଉଛି। ବାଲିକୁଦା-ଏରସମାରେ ମଧ୍ୟ ଏହି ଦୁଇ ଦଳ ମଧ୍ୟରେ ମୁକାବିଲା ହୋଇଛି ବୋଲି କୁହାଯାଉଛି। ତିର୍ତ୍ତୋଲ ବିଧାନସଭା ଆସନରେ ବିଜେଡି,ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହୋଇଥିବା ଚର୍ଚ୍ଚା ହେଉଛି। ଏସବୁ ଭିତରେ ଗୋଟିଏ କଥା ସ୍ପଷ୍ଟ ବାରି ହୋଇପଡ଼ିଛି ଯେ, ଭୋଟରଙ୍କ ସହ ନେତାଙ୍କ ଅତୀତର ଖେଳ ଅନେକ ସ୍ଥାନରେ କାଳ ହୋଇଛି। କାରଣ ଅତୀତରେ ଯେଉଁ ଲୋକ ପ୍ରତିନିଧିମାନେ ଭୋଟରଙ୍କୁ ବିଭିନ୍ନ ମାଧ୍ୟମରେ ଶୋଷଣ, ଅଣଦେଖା, ହଇରାଣ ଏପରିକି ନିରାଶ କରିଛନ୍ତି, ସେମାନଙ୍କ ପାଇଁ ଅଡୁଆ ବଢ଼ିଛି। ଅନେକ ସ୍ଥାନରେ ଭୋଟରଙ୍କ ପ୍ରଶ୍ନବାଣରେ ଏହି ନେତାମାନେ ଘାଇଲା ହୋଇଥିବା ଜଣାଯାଇଛି।

ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀ କହିଲେ, ଜଗତ୍‌ସିଂହପୁର ଜିଲାର ପାରାଦୀପ, ତିର୍ତ୍ତୋଲ, ବାଲିକୁଦା-ଏରସମା ଓ ଜଗତ୍‌ସିଂହପୁର ସମେତ ପୁରୀ ଜିଲାର କାକଟପୁର, ନିମାପଡ଼ା ଓ କଟକ ଜିଲାର ନିଆଳି ବିଧାନସଭା ଆସନକୁ ନେଇ ଗଠିତ। ଚଳିତ ନିର୍ବାଚନରେ ଏହି ଲୋକ ସଭା ଆସନରେ ମୋଟ ୭୫.୪୮% ମତଦାନ ହୋଇଛି। ସେଥିମଧ୍ୟରୁ ନିମାପଡ଼ା ବିଧାନସଭା ଆସନରେ ସର୍ବାଧିକ ୭୯.୩୦% ମତଦାନ ହୋଇଛି। ସେହିପରି ଦ୍ୱିତୀୟ ସର୍ବାଧିକ ଅର୍ଥାତ୍ ୭୬.୯୬% ମତଦାନ ଜଗତ୍‌ସିଂହପୁର ବିଧାନସଭା ଆସନରେ ହୋଇଥିବା ବେଳେ ତୃତୀୟରେ ନିଆଳି ୭୬.୨୩%, ଚତୁର୍ଥ ବାଲିକୁଦା-ଏରସମା ୭୪.୮୫%, ପଞ୍ଚମ ପାରାଦୀପରେ ୭୪.୨୨%, ଷଷ୍ଠ କାକଟପୁର ୭୩.୬୨% ଓ ସପ୍ତମ ତଥା ସର୍ବନିମ୍ନ ତିର୍ତ୍ତୋଲରେ ୭୩.୨୧% ମତଦାନ ହୋଇପାରିଛି। ମତଦାନ ହାରକୁ ଅନୁଶୀଳନ କଲେ ଜଣାଯାଏ, ନିମାପଡ଼ା ଓ ଜଗତ୍‌ସିଂହପୁରରେ ଅଧିକ ମତଦାନ ହୋଇଛି। ଏ ସମ୍ପର୍କରେ କେତେଜଣ ରାଜନୈତିକ ସମୀକ୍ଷକଙ୍କ କହିବା କଥା ହେଲା, ଯେଉଁ ନିର୍ବାଚନ ମଣ୍ଡଳୀରେ ମତଦାନ ହାର ବଢ଼େ ସେଠାରେ ଜନମତ ପ୍ରାୟତଃ ସରକାରୀ ବିରୋଧୀ ଥାଏ। ସେ ଦୃଷ୍ଟିରୁ ନିମାପଡ଼ା ଓ ଜଗତ୍‌ସିଂହପୁର ବିଧାନସଭା ଆସନରେ ପ୍ରତିପକ୍ଷ ଭାଜପାର ଶକ୍ତି ଆଶାତୀତ ଭାବେ ବୃଦ୍ଧି ପାଇଥିବା ଅନୁମାନ କରାଯାଉଛି। ଏହି ଦୁଇ ଆସନର ଫଳାଫଳ କ'ଣ ହେବ ତାହା ସ୍ପଷ୍ଟ ହେଉ ନ ଥିଲେ ସୁଦ୍ଧା ଭାଜପା ପାଇଁ ଅନୁକୂଳ ପରିବେଶ ଥିବା ଆଲୋଚନା ଚାଲିଛି। ନିମାପଡ଼ାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସମୀର ରଞ୍ଜନ ଦାସ ଭାଜପାରେ ମିଶିଲା ପରେ ଏହି ଦଳର ଶକ୍ତି ବଢ଼ିଯାଇଥିଲା। ଜଗତ୍‌ସିଂହପୁରରେ ମଧ୍ୟ ବିଜେଡି ଛାଡି ଭାଜପାରେ ମିଶି ବିଧାୟକ ପ୍ରାର୍ଥୀ ହୋଇଥିବା ଯୁବନେତା ଅମରେନ୍ଦ୍ର ଦାସ ଦଳ ପାଇଁ ସଞ୍ଜୀବନୀ ସଦୃଶ ହୋଇଛନ୍ତି। ଅମରେନ୍ଦ୍ରଙ୍କୁ ପାଇ ଭାଜପା ତା'ର ଶକ୍ତି ଆଶାତୀତ ଭାବେ ବୃଦ୍ଧି କରିଛି। ବଡ କଥା ହେଲା, ଜଗତ୍‌ସିଂହପୁର ବିଧାନସଭା ଆସନରେ ଗୋଟିଏ ପଟେ ରାଜ୍ୟର ହେଭିୱେଟ ନେତା କୁହାଯାଉଥିବା ପ୍ରଶାନ୍ତ ମୁଦୁଲି ଓ ଚିରଞ୍ଜୀବ ବିଶ୍ୱାଳ ଥିବାବେଳେ ଅନ୍ୟପଟେ ନବାଗତ ଅମରେନ୍ଦ୍ର ରହିବା ନିର୍ବାଚନମଣ୍ଡଳୀରେ ନିଆରା ରାଜନୈତିକ ବାତାବରଣ ସୃଷ୍ଟି କରିଥିଲା। ପ୍ରଶାନ୍ତ ଦଳର ବିଧାୟକ ପ୍ରାର୍ଥୀ ଥିବାବେଳେ ତାଙ୍କୁ ଜିତାଇବା ପାଇଁ କଂଗ୍ରେସ ଛାଡି ବିଜେଡିରେ ମିଶିଥିବା ଚିରଞ୍ଜୀବ ପୂରା ଦମ୍ ଲଗାଇ ଦେଇଥିଲେ। ଏହି ଦୁଇ ନେତାଙ୍କ ପାଇଁ ସମସ୍ତ ଅନୁକୂଳ ପରିବେଶ ଥିଲା। ଦୀର୍ଘ ରାଜନୈତିକ ଅଭିଜ୍ଞତା ଥାଇ ସୁଦ୍ଧା ନବାଗତ ଅମରେନ୍ଦ୍ରଙ୍କ ରଣନୀତିକୁ ପ୍ରତିହତ କରିବାରେ ସେମାନେ ସଫଳ ହୋଇ ନ ଥିବା ଚର୍ଚ୍ଚା ହେଉଛି। ଏପରି କିଛି ସ୍ଥାନରେ ଅମରେନ୍ଦ୍ର ସମର୍ଥକମାନଙ୍କ ଦୃଢ ପ୍ରତିବାଦ ଯୋଗୁ ପ୍ରଶାନ୍ତ ଓ ଚିରଞ୍ଜୀବ ଅଡୁଆରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୋଟାମୋଟି କହିବାକୁ ଗଲେ ଚଳିତ ନିର୍ବାଚନରେ ଜଗତ୍‌ସିଂହପୁର ବିଧାନସଭା ଆସନରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହୋଇଥିବା ସ୍ପଷ୍ଟ ବାରି ହୋଇ ପଡୁଛି। ସେହିପରି ନିଆଳି ଓ କାକଟପୁରରେ ଭାଜପା ଓ ବିଜେଡି ମଧ୍ୟରେ ଲଢ଼େଇ ହେବାର ସମ୍ଭାବନା ରହିଛି। ୪ ତାରିଖରେ ଗଣତି ଓ ଫଳ ଘୋଷଣା ପରେ ବାସ୍ତବ ଚିତ୍ର କ'ଣ ରହୁଛି ସେ ଉପରେ ପ୍ରତ୍ୟେକଙ୍କ ନଜର।



ସାମୁଦ୍ରିକ କଟକଣା ଯୋଗୁ ପାରାଦୀପ ମାଛଧରା ବନ୍ଦରରେ ବୋଟ ପାଖରେ ଜାଲଗୁଡିକୁ ଘୋଡ଼ାଇ ରଖାଯାଇଛି ।

## ଧର୍ମାନ୍ତରୀକରଣ ଅଭିଯୋଗରେ ଗ୍ରାମରେ ଉତ୍ତେଜନା

କୁଜଙ୍ଗ,୨।୬( ମନୋଜ ପ୍ରଧାନ)

**ବଗଦିଆରେ ଯିଶୁଖ୍ରୀଷ୍ଟଙ୍କ ପ୍ରାର୍ଥନାସଭା**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଗଦିଆ ପଞ୍ଚାୟତ ବଗଦିଆ (ଡାଲିମପୁର ) ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ କେତେଜଣ ବାହାର ଅଞ୍ଚଳର ଖ୍ରୀଷ୍ଟ ଧର୍ମାବଲମ୍ବୀ ଲୋକ ରବିବାର ପହଞ୍ଚି ଥିଲେ। ସେମାନଙ୍କ ମଧ୍ୟରେ ତାମିଲନାଡୁର ଖ୍ରୀଷ୍ଟ ଧର୍ମାବଲମ୍ବୀ ଦମ୍ପତିଙ୍କ ସମେତ ପାଦ୍ରୀ ଓ କଟକର କେତେଜଣ ସିଷ୍ଟର ଥିଲେ। ଗ୍ରାମର କେତେଜଣ ଲୋକଙ୍କ ସହ ମିଶି ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ଯିଶୁଖ୍ରୀଷ୍ଟଙ୍କ ଏକ ପ୍ରାର୍ଥନା ସଭା ଆୟୋଜନ କରାଯାଇଥିଲା। ଏନେଇ ଧର୍ମାବଲମ୍ବୀ ଲୋକେ ଗ୍ରାମରେ ଧର୍ମାନ୍ତରୀକରଣ କରୁଥିବା ନେଇ ଚର୍ଚ୍ଚା ହୋଇଥିଲା। ଖବରପାଇ ବଜରଙ୍ଗ ଦଳର କେତେଜଣ ସମର୍ଥକ ସେଠାରେ ପହଞ୍ଚି ପ୍ରାର୍ଥନା ସଭାରେ ଉପସ୍ଥିତ ଥିବା ପାଦ୍ରୀ ଓ ସିଷ୍ଟରଙ୍କୁ ଡାକି ଏବିଷୟରେ ପଚାରିଥିଲେ। ସେମାନେ କହିଥିଲେ, ଏଠାରେ କେବଳ ଯିଶୁଖ୍ରୀଷ୍ଟଙ୍କ ପ୍ରାର୍ଥନା କରାଯାଉଛି। ବଜରଙ୍ଗ ଦଳର କର୍ମୀମାନେ ଏହାକୁ ବିରୋଧ କରିଥିଲେ। ଏନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତି ତର୍କ ଘଟି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ଅଭୟଚାନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ହସ୍ତକ୍ଷେପ କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ପୋଲିସ ଉଭୟ ପକ୍ଷଙ୍କୁ ଥାନାକୁ ନେଇ ଆପୋସ ସମାଧାନ କରିଥିବା ଥାନାଧିକାରୀ ରାଜକିଶୋର ବେହେରା କହିଛନ୍ତି। ସେ କହିଛନ୍ତି, ପ୍ରାୟ ୭ ବର୍ଷ ପୂର୍ବରୁ ଏହି ଗାଁର କିଛି ପରିବାର ସ୍ୱଇଚ୍ଛାରେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ। ରବିବାର ସେମାନେ ନିୟମିତ ପ୍ରାର୍ଥନା କରନ୍ତି। ତାମିଲନାଡୁର ଦମ୍ପତି ଏଠାରେ ଚାକିରି କରନ୍ତି। ସେମାନେ ମଧ୍ୟ ଖ୍ରୀଷ୍ଟ ଧର୍ମାବଲମ୍ବୀ। ରବିବାର ଥିବାରୁ ସେମାନେ ପ୍ରାର୍ଥନା ସଭାକୁ ଆସିଥିଲେ ବୋଲି ଥାନାଧିକାରୀ କହିଛନ୍ତି। ଏ ସମ୍ପର୍କରେ ବଜରଙ୍ଗ ଦଳ ଜଗତ୍‌ସିଂହପୁର ଜିଲା ସୁରକ୍ଷା ପ୍ରମୁଖ ଶେଖର ସେଠୀ କହିଛନ୍ତି, ସମ୍ପୃକ୍ତ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ପାଖରେ ବାଇବେଲ ସମେତ ଖ୍ରୀଷ୍ଟ ଧର୍ମ ସଂକ୍ରାନ୍ତୀୟ ପୁସ୍ତକ ଓ ପ୍ରଚାରପତ୍ର ରହିଛି। ପୂର୍ବରୁ ଗ୍ରାମରେ ୬ ପରିବାର ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିଲେ। ସେମାନଙ୍କ ବ୍ୟତୀତ ଅନ୍ୟ ପରିବାର ଯଦି ଏହି ଧର୍ମ ପରବର୍ତ୍ତନ କରିଥାନ୍ତି ତେବେ ସେମାନଙ୍କୁ ପ୍ରଲୋଭିତ କରାଯାଇଛି। ଏହାକୁ ବଜରଙ୍ଗ ଦଳ ପକ୍ଷରୁ ବିରୋଧ କରାଯିବ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ପ୍ରଖଣ୍ଡ ବିଦ୍ୟାର୍ଥୀ ପ୍ରମୁଖ ରାଜେଶ ବେହେରା, କୁଜଙ୍ଗ ଖଣ୍ଡ ସଂଯୋଜକ ପପୁ ଭାଇ ଓ ନୀତିଶ କୁମାର ବଜରଙ୍ଗୀଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ବଜରଙ୍ଗ ଦଳ କର୍ମୀ ଉପସ୍ଥିତ ଥିଲେ।

## ସରିଲା ଭୋଟ, ଚାଲିଛି ଅଙ୍କ କଷା

ଚଣ୍ଡିଖୋଲ,୨।୬ (ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଶେଷ ହେବା ପରେ ରବିବାର ବିଜେଡି ଓ ଭାଜପା ପକ୍ଷରୁ ଅଙ୍କ କଷା ଆରମ୍ଭ ହୋଇଛି। ଦଳୀୟ କାର୍ଯ୍ୟାଳୟକୁ ଡାକି ଉଭୟ ଦଳର ନେତୃବୃନ୍ଦ ପଞ୍ଚାୟତସ୍ତରୀୟ କର୍ମୀମାନଙ୍କଠାରୁ ମତ ଗ୍ରହଣ କରୁଛନ୍ତି। କେଉଁ ବୁଥରେ କେତେ ମତଦାନ ହୋଇଛି ସେ ସମ୍ପର୍କରେ ତଥ୍ୟ ସଂଗ୍ରହ ସହ କେଉଁ ଦଳ ସପକ୍ଷରେ କେତେ ଭୋଟ ଯିବ ସେଥିନେଇ ଆକଳନ ଆରମ୍ଭ ହୋଇଛି। ଉଭୟ ଦଳ ବିଜୟୀହେବେ ବୋଲି ଆଶା ରଖିଥିଲାବେଳେ ବ୍ୟବଧାନ କିନ୍ତୁ ବହୁତ କମ। ଯେଉଁ ଦଳ ବିଜୟୀ ହେବ ସେ ୧ ହଜାରରୁ ୩ ହଜାର ମଧ୍ୟରେ ବିଜୟୀ ହେବ ବୋଲି ଆଶା ରଖିଛନ୍ତି। ବିଶସ୍ତସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହୋଇଛି। ତେବେ ଉଭୟ ଦଳର ଆକଳନ ଠିକ ହୋଇ ପାରୁନାହିଁ। ସେମାନଙ୍କ ପକ୍ଷରୁ କରାଯାଇଥିବା ଆକଳନଗୁଡ଼ିକ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ଆସନ୍ତା ୪ ତାରିଖରେ ଫଳାଫଳ ବାହାରିବା ପରେ ତାହା ଜଣା ପଡ଼ିବ। ହେଲେ ଏବେ ସାମାଜିକ ଗଣମାଧ୍ୟମରେ ବୁଲୁଥିବା ହିସାବ ଓ ଆକଳନ ବଡ଼ଚଣାରେ ଚର୍ଚ୍ଚାର ବିଷୟ ପାଲଟିଛି।

## ପୁରୀ ବାଣ ବିସ୍ଫୋରଣ ମୃତ୍ୟୁ ସଂଖ୍ୟା ୧୪କୁ ବୃଦ୍ଧି

ଭୁବନେଶ୍ୱର,(ଅସମାପିକା ସାହୁ)/ କଟକ, ୨।୬(ଶିଳ୍ପା ପ୍ରିୟଦର୍ଶିନୀ)



ପୁରୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ରବିବାର ଆଉ ୪ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଫଳରେ ଏହି ଘଟଣାରେ ମୃତକଙ୍କ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ତେବେ ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ମୃତକଙ୍କ ସଂଖ୍ୟା ୧୩ଥିବା ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ କଟକ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ପାଞ୍ଚଜଣ ଆହତଙ୍କ ମଧ୍ୟରୁ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ପୁରୀ ତଳନୂଆ ସାହି ଗୋଲପକା ବସ୍ତିର ସୋମନାଥ ବେହେରା(୧୪)। ମୃତକଙ୍କ ଶରୀର ୬୫ ପ୍ରତିଶତ ପୋଡ଼ି ଯାଇଥିବାରୁ ତାଙ୍କୁ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚାପ ଖେଳ ବେଳେ ଆତସବାଜି କାର୍ଯ୍ୟକ୍ରମ ଚାଲିଥିଲା। ଫୁଟାଯିବା ପାଇଁ ଗୋଟିଏ ସ୍ଥାନରେ ଗଦା ହୋଇ ରହିଥିବା ବାଣରେ ନିଆଁ ଲାଗିବାରୁ ତାହା ଭୟଙ୍କର ରୂପ ନେଇଥିଲା। ଏହି ବିସ୍ଫୋରଣରେ ପ୍ରଥମେ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। ପରେ ଅର୍ଥାତ୍ ଶୁକ୍ରବାର ୩ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଶନିବାର ଆଉ ୪ଜଣ ଆଖିବୁଜିଥିଲେ।

## ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲା ବିଦ୍ୟାଳୟ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ।

ଜଗତ୍‌ସିଂହପୁର, ୨।୬ (ପ୍ରମୋଦ କୁମାର ନାୟକ):

ମାଟ୍ରିକ ପରୀକ୍ଷାରେ ଜଗତ୍‌ସିଂହପୁର ବଡ଼ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୫ ଜଣ ମେଧାବୀ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି କୃତୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ଆୟୋଜିତ ମେଧାବୀ ସମ୍ବର୍ଦ୍ଧନା ଉତ୍ସବରେ ଈଶ୍ୱର ଚନ୍ଦ୍ର ନନ୍ଦ ପୌରୋହିତ୍ୟ କରିଥିବା ବେଳେ ଜଗତ୍‌ସିଂହପୁର ଶିକ୍ଷା ବିକାଶ ସମିତି ଜିଲା ପ୍ରମୁଖ ରଶ୍ମିକାନ୍ତ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶଶିଭୂଷଣ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନେ ଏ-୧ ଗ୍ରେଡ୍ ପାଇଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ସଚେତନ କରାଇଥିଲେ। ଏହାପରେ ବିଦ୍ୟାବାଣୀ ତରଫରୁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଶିକ୍ଷାନୁଷ୍ଠାନ ଯୁଗ୍ମ ସମ୍ପାଦକ ବିଜୟ କୁମାର ରଥ, ଉପସଭାପତି ଜ୍ୟୋତିର୍ମୟୀ ମହାନ୍ତି ଓ ପରିଚାଳନା ସମିତି ସଦସ୍ୟ ମନୋରମା ଶତପଥୀ ପିଲାମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟ ସହ ପ୍ରଧାନ ଆଚାର୍ଯ୍ୟ ନିହାର ରଞ୍ଜନ ମହାପାତ୍ର ପିଲାମାନଙ୍କୁ ଆଶ୍ରୀବଚନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାମନ୍ଦିର ପ୍ରମୁଖ ଶ୍ରୀକାନ୍ତ ରାଉତରାୟ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ ଆଲୋକ କୁମାର ଖଟୁଆ ଧନ୍ୟବାଦ ଦେଇଥିଲ ।

# ଜଗତ୍‌ସିଂହପୁରରେ ପଲିଥିନ ବ୍ୟାନ୍ ପ୍ରହସନ

- ସରକାରଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେଉନାହିଁ
- ଅବାଧରେ ଚାଲିଛି ପଲିଥିନ ବ୍ୟବହାର
- ନାଁକୁ ଚଢ଼ାଉ ହେଉଛି

ଜଗତ୍‌ସିଂହପୁର, ୨।୬ (ପ୍ରମୋଦ କୁମାର ନାୟକ):



୨୦୧୯ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ଓଡ଼ିଶା ସରକାର ପଲିଥିନ ବିକ୍ରି ଓ ବ୍ୟବହାର ଉପରେ ଅଙ୍କୁଶ ଲଗାଇଥିଲେ। ପଲିଥିନର ବିପଦଜନକ ବ୍ୟବହାରକୁ ରୋକିବା ଏହାର ଉଦ୍ଦେଶ୍ୟ ଥିଲା। କିନ୍ତୁ ସରକାରଙ୍କ ଏହି ନିର୍ଦ୍ଦେଶନାମା ଜଗତ୍‌ସିଂହପୁର ଜିଲାରେ ପ୍ରହସନ ପାଲଟିଛି। ବିଭିନ୍ନ ଦୋକାନ, ବଜାରରେ ପଲିଥିନ୍ ଖୁଲମଖୁଲା ବିକ୍ରି ଚାଲିଛି। ମଝିରେ ମଝିରେ ଔପଚାରିକତା ପୂରଣ ପାଇଁ ଚଢ଼ାଉ କରାଯାଉଛି। ଆଗକୁ ଏଥିପ୍ରତି ଧ୍ୟାନ ଦିଆ ନ ଗଲେ ଯଥା ପୂର୍ବଂ ତଥା ପରଂ ସ୍ଥିତି ସୃଷ୍ଟି ହେବା ନେଇ ଆଲୋଚନା ଚାଲିଛି।

ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୧୯ ସେପ୍ଟେମ୍ବର ୩୦ରେ ପଲିଥିନ ବ୍ୟାନ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଏଥିରେ ଉଲ୍ଲେଖ ଥିଲା, ଯେଉଁ ପଲିଥିନ୍‌ଗୁଡିକ ଠିକ୍ ଭାବେ ନଷ୍ଟ ଅର୍ଥାତ୍ ଖତ ହୋଇପାରୁଛି ସେଗୁଡିକ ବ୍ୟବହାର ଉପଯୋଗୀ। ଅବଶିଷ୍ଟ ପଲିଥିନ ବ୍ୟବହାର ଉପଯୋଗୀ ନୁହେଁ। ତେଣୁ ଏହି ପଲିଥିନ୍‌ଗୁଡିକର ଉତ୍ପାଦନ ହୋଇପାରିବ ନାହିଁ। ଯଦି କେଉଁଠି ରହିଯାଇଛି,ତେବେ ସେଗୁଡ଼ିକର କିଣା, ବିକା ଉପରେ ଅଙ୍କୁଶ ଲଗାଯାଇଛି। ଏପରି କି ପ୍ଲାଷ୍ଟିକ ଥାଳି, ଚାମଚ, ଗିନା, କପ୍, ପ୍ଲେଟ୍, ଗ୍ଲାସ୍ ଆଦି ମଧ୍ୟ ବ୍ୟବହାର ହୋଇପାରିବ ନାହିଁ। ଯେଉଁ ପଲିଥିନ୍‌ର ସ୍ଥୂଳତା (ଥିକ୍‌ନେସ୍) ୫୦ ମାଇକ୍ରନ୍ ତଳକୁ ଥିବ ତାହା ବ୍ୟବହାର ଉପଯୋଗୀ ନୁହେଁ। କେବଳ କ୍ଷୀର କିମ୍ବା ଅନ୍ୟ ଔଷଧୀୟ ସାମଗ୍ରୀ ରଖିବା ପାଇଁ ଉପଯୁକ୍ତମାନର ପଲିଥିନ୍ ବ୍ୟବହାର କରାଯାଇପାରେ। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଥିଲା। ଜିଲାରେ ଏହା ପ୍ରଥମେ କିଛି ଦିନ ପାଳନ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନିର୍ଦ୍ଦେଶନାମା ଫାଇଲ ଭିତରେ ଚାପି ହୋଇରହିଛି। ବିଶେଷକରି ଜିଲା ମୁଖ୍ୟାଳୟ ଜଗତ୍‌ସିଂହପୁର ସହରରେ ଅବାଧରେ ପଲିଥିନ୍ କାରବାର ଚାଲିଛି। ପାନ ଦୋକାନଠାରୁ, ରାଶନ, ଷ୍ଟେସନେରୀ, ଜଳଖିଆ ଆଦି ପ୍ରାୟତଃ ଦୋକାନରେ ପଲିଥିନ୍ ଖୋଲାଖୋଲି ଭାବେ ବ୍ୟବହାର କରାଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ଯେତେବେଳେ ପଲିଥିନ୍ ବ୍ୟାନ୍ ଘୋଷଣା କଲେ ସେତେବେଳେ କିଛି ଦିନ ଏହାର ବ୍ୟବହାର ଉପରେ ଅଙ୍କୁଶ ଲଗାଯାଇଥିଲା। ପରବର୍ତ୍ତୀ ସମୟରେ ଧୀରେ ଧୀରେ ପୂର୍ବପରି ପଲିଥିନ୍ ବ୍ୟବହାର ହେବାରେ ଲାଗିଛି। ବଡ କଥା ହେଲା, ଜିଲାରେ ପଲିଥିନ୍ ଉତ୍ପାଦନ ହେଉନାହିଁ। କଟକରୁ ପ୍ରାୟତଃ ପଲିଥିନ୍ ଆସୁଛି। ସରକାର ପଲିଥିନ୍ ଉତ୍ପାଦନ ଉପରେ ଅଙ୍କୁଶ ଲଗାଉ ନ ଥିବାରୁ କାରବାର ବନ୍ଦ ହୋଇ ପାରୁନାହିଁ। ଅନ୍ୟପକ୍ଷରେ ଜିଲାର ଜଗତ୍‌ସିଂହପୁର ଓ ପାରାଦୀପ ପୌର ପରିଷଦ ପକ୍ଷରୁ ପଲିଥିନ୍ ବନ୍ଦ ପାଇଁ ଏନ୍‌ଫୋର୍ସମେଣ୍ଟ କମିଟି ଗଠନ କରାଯାଇଥିଲା। କିନ୍ତୁ ଏହା କେବଳ କାଗଜକଲମରେ ସୀମିତ ବୋଲି କୁହାଯାଉଛି। ଚଢ଼ାଉ ହେଉ ନ ଥିବାରୁ ପଲିଥିନ୍ ପୂର୍ବପରି ବ୍ୟବହୃତ ହୋଇଚାଲିଛି। ଏନେଇ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନି।

ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷ ଅର୍ଚ୍ଚନା ସିଂହଙ୍କୁ ପଚାରିବାରୁ,ନିର୍ବାଚନ ଯୋଗୁ ଅନେକ କାର୍ଯ୍ୟ କ୍ରିୟାଶୀଳ ହୋଇପାରି ନ ଥିଲା। ତେବେ ଖୁବ୍‌ଶୀଘ୍ର ଏହା ଉପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ସଂକ୍ଷେପରେ

### ମୋବାଇଲ ଟାୱାରରୁ ଡେଇଁ ଯୁବକ ଆତ୍ମହତ୍ୟା

ନୂଆଗଡ଼,୨।୬(ଯୋଗ୍ୟବନ୍ତ ପରିଛା)

ଗଜପତି ଜିଲା ନୂଆଗଡ ବ୍ଲକ ସେରଙ୍ଗ ଥାନା ଅନ୍ତର୍ଗତ ନୂଆଗଡ ଗ୍ରାମଠାରେ ଏକ ମୋବାଇଲ ଟାୱାରରୁ ଡ଼େଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ନାରାୟଣ ସୁବୁଦ୍ଧି (୩୦)। ଟାୱାରରୁ ଡେଇଁବା ଖବରପାଇ ଖଜୁରିପଦା ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ ଜାଗାରଙ୍ଗା ଘଟଣାସ୍ଥଳରେ ପହଞ୍ଚି ନାରାୟଣଙ୍କୁ ଖଜୁରିପଦା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡ଼ାକ୍ତର ମିନତୀ ରାଣୀ ମହନ୍ତ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସେରଙ୍ଗ ଥାନା ପୋଲିସ ଏ ନେଇ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ବଜ୍ରପାତରେ ୪ ବଳଦ ମୃତ



ଦାରିଙ୍ଗବାଡି, ୨।୬ (ଅରୁଣ ସାହୁ)

ଦାରିଙ୍ଗବାଡି ଅଞ୍ଚଳରେ ରବିବାର ମଧ୍ୟ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ପବନ ସହ ବଜ୍ରପାତ ହୋଇଛି। ଉକ୍ତ ବ୍ଲକ ପ୍ଲିହେରୀ ପଞ୍ଚାୟତର କିଲାବାଡ଼ି ଗ୍ରାମରେ ବଜ୍ରପାତ ହେବାରୁ ୪ଟି ବଳଦଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଖ୍ରୀଷ୍ଟ ପ୍ରଧାନ ଏବଂ ରଞ୍ଜିତ ପ୍ରଧାନଙ୍କ ଏହି ବଳଦ ବୋଲି ଜଣାପଡିଛି। ସେମାନେ ଏନେଇ ପ୍ରଶାସନଙ୍କୁ ଲିଖିତ ଭାବେ ଜଣାଇବେ ବୋଲି କହିଛନ୍ତି। କାଳବୈଶାଖୀ ପ୍ରଭାବରେ ଗତ ୩ ଦିନ ହେଲା ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଜନଅସନ୍ତୋଷ ବୃଦ୍ଧି ପାଇଛି।

### ପୁଅ କାଟି ଚୋଟରେ ମା’ ଗୁରୁତର

ଦିଗପହଣ୍ଡି,୨।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସାହାଣୀ ସାହିରେ ରବିବାର ପାରିବାରିକ ହିଂସାରୁ ପୁଅର କାତି ଚୋଟରେ ମା’ ଗୁରୁତର ହୋଇଛନ୍ତି। ଗୁରୁତର ଆହତ ପଦ୍ମିନୀ ଦାସଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦିଗପହଣ୍ଡି ପୋଲିସ ଅଭିଯୁକ୍ତ ପୁଅଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

### ଦିଗପହଣ୍ଡିରୁ ଛାତ୍ର ନିଖୋଜ

ଦିଗପହଣ୍ଡି,୨।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିରୁ ଜଣେ ୮ମ ଶ୍ରେଣୀ ଛାତ୍ର ମାନସ ରଞ୍ଜନ ମହାଳିକ ନିଖୋଜ ଥିବା ଅଭିଯୋଗ ହୋଇଛି। ସେ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟର ଅବସରପ୍ରାପ୍ତ ଅତିରିକ୍ତ ତହସିଲଦାର ସନାତନ ମହାଳିକଙ୍କ ପୁଅ । ମାନସ ଖଲ୍ଲିକୋଟସ୍ଥିତ ଶିଶୁ ମନ୍ଦିରରେ ରହି ୮ମ ଶ୍ରେଣୀରେ ପଢୁଥିଲେ। ଶିଶୁ ମନ୍ଦିର ଖରାଛୁଟି ହେବାପରେ ସେ ବାପା ରହୁଥିବା ଦିଗପହଣ୍ଡିସ୍ଥିତ ସରକାରୀ କ୍ୱାର୍ଟର୍ସକୁ ଆସିଥିଲେ । ସେ ଗତ ୨୭ ତାରିଖଠାରୁ ଆକସ୍ମିକ ଭାବେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ୍ୟ ମାନସଙ୍କ କୌଣସି ସନ୍ଧାନ ମିଳିନାହିଁ । ଏନେଇ ସନାତନ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ପୋଲିସ ନଂ. ୨୩୨/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### କାଳ ବୈଶାଖୀ ବର୍ଷା, ଗ୍ରୀଷ୍ମପ୍ରବାହରୁ ଆଶ୍ୱସ୍ତି

ଫିରିଙ୍ଗିଆ,୨।୬(ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ଶନିବାର ଓ ରବିବାର ଦୁଇଦିନ କାଳବୈଶାଖୀ ବର୍ଷା ହୋଇଛି। ଏହାର ପ୍ରଭାବରେ ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । କିଛି ଦିନ ହେଲା ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲା। ସକାଳ ୮ଟା ପରେ ଘରୁ ବାହାରକୁ ବାହାରିବା ମୁସ୍କିଲ ହେଉଥିଲା। ଅପରାହ୍ନରେ ପ୍ରାୟ ଦୁଇ ଦିନ ଧରି କାଳବୈଶାଖୀ ଝଡ଼ତୋଫାନ ଓ ବର୍ଷା ହେବା ଫଳରେ ଅଞ୍ଚଳବାସୀଙ୍କୁ ଆଶ୍ୱସ୍ତି ମିଳିଥିବା ଦେଖିବାକୁ ମିଳିଛି। କାଳବୈଶାଖୀ ପ୍ରଭାବରେ ଫିରିଙ୍ଗିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ଗଛ ପଡ଼ି ବିଦ୍ୟୁତ୍ ତାର ଛିଣ୍ଡିଯାଇଛି।

# ଜଙ୍ଗଲ ଜମିରେ ଝାଡପଡା ପଞ୍ଚାୟତ କାର୍ଯ୍ୟାଳୟ

ନୟାଗଡ଼/ରଣପୁର,୨।୬
(ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)




ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି) କୋଲକତା ବେଞ୍ଚରେ ନୟାଗଡ଼ ଜିଲା ରଣପୁର ବ୍ଲକର ଝାଡପଡା ପଞ୍ଚାୟତ କାର୍ଯ୍ୟାଳୟ ଜଙ୍ଗଲ ଜମିରେ ନିର୍ମାଣ ମାମଲାର ମେ ୩୦ରେ ଶୁଣାଣୀ ହୋଇଛି । ଏହି ମାମଲାରେ ରାଜ୍ୟ ସରକାର, ରାଜ୍ୟ ଓ କେନ୍ଦ୍ର ପରିବେଶ ଓ ଜଙ୍ଗଲ ବିଭାଗ, ସଚିବ ରାଜସ୍ୱ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ନୟାଗଡ଼ ଜିଲାପାଳ ଓ ଏସ୍‌ପି, ରଣପୁର ତହସିଲଦାର, ଝାଡପଡା ପଞ୍ଚାୟତ ସରପଞ୍ଚ ଓ ଜଣେ ବ୍ୟକ୍ତିଙ୍କୁ ନୋଟିସ୍ ହୋଇଛି । ଅନ୍ୟପକ୍ଷେ ଜଙ୍ଗଲ ଜମିରେ ପଞ୍ଚାୟତ ନିର୍ମାଣ ପ୍ରସଙ୍ଗର ତଦନ୍ତ କରି ୪ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଏକ ୩ ଜଣିଆ କମିଟି ଗଠନ କରାଯାଇଛି । କମିଟିରେ ନୟାଗଡ଼ ଜିଲାପାଳ, ଖୋର୍ଦ୍ଧା ଡିଏଫ୍‌ଓ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ବୈଜ୍ଞାନିକ ଅଛନ୍ତି । ଅନ୍ୟପକ୍ଷେ ଜିଲାପାଳଙ୍କ ସମେତ ଅନ୍ୟମାନେ ମଧ୍ୟ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି । ଅଗଷ୍ଟ ୧୨ରେ ପରବର୍ତ୍ତୀ ଶୁଣାଣୀ ହେବାକୁ ଦିନ ଧାର୍ଯ୍ୟ କରାଯାଇଛି ବୋଲି ଆଇନଜିବୀ ଅଖଣ୍ଡ ସୂଚନା ଦେଇଛନ୍ତି ।

ଏନ୍‌ଜିଟି୍‌ରେ ଆବେଦନକାରୀ ଝାଡପଡା ଗାଁର ରବୀନ୍ଦ୍ର ପ୍ରଧାନଙ୍କ ସୂଚନା ଅନୁଯାୟୀ, ଝାଡପଡା ମୌଜାରେ ଜଙ୍ଗଲ କିସମ ଜମିରେ ଏକ ଘର ବେଆଇନ ଭାବେ ନିର୍ମାଣ ହୋଇଥିଲା । ଜଙ୍ଗଲ ଜମିରେ ଘର ନିର୍ମାଣ ହେବାକୁ ବାରଣ ଥିବାବେଳେ ଜଙ୍ଗଲ ବିଭାଗର ଅନୁମତି ନ ଥାଇ ମଧ୍ୟ ଘର କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟକ୍ତିଗତ ଜବରଦଖଲକୁ ହଟାଯାଇ ପଞ୍ଚାୟତ ଉକ୍ତ ଘରେ ଝାଡପଡା ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନ କରିଥିଲା । ପଞ୍ଚାୟତ ସଂପୃକ୍ତ ଜମିକୁ ନିଜ ନାମରେ କରିବାକୁ ରଣପୁର ତହସିଲରେ ଆବେଦନ କରିଥିଲା । ଜଙ୍ଗଲ ଜମିରେ ଘର ହେବା ଜାଣିବା ପରେ ତହସିଲ ପକ୍ଷରୁ ଏହାକୁ ଖାରଜ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ପଞ୍ଚାୟତ ପକ୍ଷର ଉପଜିଲାପାଳଙ୍କ ନିକଟରେ ପୁଣି ଆବେଦନ କରାଗଲା । ପଞ୍ଚାୟତ ନିର୍ମାଣ ଜମିର ସାବକ କିସମ ଜଙ୍ଗଲ ହୋଇଥିବାରୁ ଜମି ହସ୍ତାନ୍ତର କରାଯାଇ ପାରିବ ନାହିଁ ଦର୍ଶାଇ ପୁଣି ଖାରଜ କରାଗଲା । ଏହା ବିରୋଧରେ ପଞ୍ଚାୟତ ହାଇକୋର୍ଟରେ ଅପିଲ କରିଥିଲେ । ପଞ୍ଚାୟତ ପାଇଁ ଉପଯୁକ୍ତ ଜାଗା ଚୟନ କରିବାକୁ ପ୍ରସ୍ତାବ ରଖି ପୁଣି ଖାରଜ କରିଥିଲେ । ତେବେ ପଞ୍ଚାୟତ ଘର ହୋଇଥିବା ସ୍ଥାନ ପାଖରେ ପୁଣି ପଞ୍ଚାୟତ ଅନ୍ୟ ଏକ ଘର କରିବାକୁ ଉଦ୍ୟମ କରିବାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ ବୋଲି କହିଥିଲେ । ପରେ ମୁଁ ଏନଜିଟ୍‌ରେ ଆଶ୍ରୟ ନେଇ ଜଙ୍ଗଲ ଜମିରେ ବେଆଇନ ଭାବେ ନିର୍ମାଣ ହୋଇଥିବା ପଞ୍ଚାୟତ ଗୃହ ଭାଙ୍ଗିବା ଓ ନୂଆ ନିର୍ମାଣକୁ ରୋକ୍ ଲଗାଇବାକୁ ପ୍ରାର୍ଥନା କରିଥିଲି ବୋଲି ସେ କହିଛନ୍ତି ।

- ରାଜ୍ୟ ସରକାରଙ୍କୁ ଏନ୍‌ଜିଟିର ନୋଟିସ୍
- ୩ ଜଣିଆ କମିଟି ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ
- ଅଗଷ୍ଟ ୧୨ରେ ପରବର୍ତ୍ତୀ ଶୁଣାଣୀ

# ପାଣି ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ

ପୋଲସରା,୨।୫(ସୁବ୍ରତ ବେହେରା)

ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ୧୯ ଗୋଟି ୱାର୍ଡରେ ବସବାସ କରୁଥିବା ଲୋକେ ଦୀର୍ଘ ଦିନ ଧରି ପାଣି ପାଇବାରୁ ବଞ୍ଚିତ ରହିଛନ୍ତି । ୪୫ ଡିଗ୍ରୀ ତାପମାତ୍ରାରେ ଟୋପାଏ ପାଣି ଓହଳବିକଳ ହେଉଛନ୍ତି ପୋଲସରା ବାସିନ୍ଦା। ପାଣି ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରି ବାଃ ବାଃ ନେଉଛନ୍ତି ହେଲେ ଦୀର୍ଘ ଦିନ ଧରି ପାଣି ପାଇବାରୁ ବଞ୍ଚିତ ରହିଛନ୍ତି ଗ୍ରାମବାସୀ। ପୋଲସରା ଏନ୍‌ଏସି ୧୨ ନମ୍ବର ୱାର୍ଡର ମାଳିସାହି, ସୁବୁଦ୍ଧି ସାହି, ଡେରା ସାହି, ଏହିଭଳି ବିଭିନ୍ନ ୱାର୍ଡର ସାହିରେ ବସବାସ କରୁଥିବା ଲୋକେ ଦୀର୍ଘ ୧୦ ଦିନ ହେବ ପାଣି ପାଇନାହାନ୍ତି। ବାରମ୍ବାର ସ୍ଥାନୀୟ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଉକ୍ତ ସମସ୍ୟାକୁ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାରୁ କୌଣସି ଉତ୍ତର ମିଳି ପାରିନାହିଁ। ପାଣି ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ପନିପରିବା ଦର ଆକାଶ ଛୁଆଁ

ପାରଳାଖେମୁଣ୍ଡି,୨।୬
(ଗିରିଧାରୀ ପରିଛା)



ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଲୋକମାନେ ହନ୍ତସନ୍ତ ହେଉଥିବା ବେଳେ ପରିବା ଦର ବୃଦ୍ଧି ଜନସାଧାରଣଙ୍କୁ ଅତିଷ୍ଠ କରିଛି। ନିମ୍ନ ମଧ୍ୟବିତ୍ତ ପରିବାରର ଲୋକେ ପରିବା କିଣିବାକୁ ଯିବା ଆଗରୁ ଦଶ ଥର ଭାବୁଛନ୍ତି। ବଜାରରେ ଟମାଟୋ ଦର ୫୦ ଟଙ୍କା ପାର କରିଛି। ଯେଉଁ ଟମାଟୋ ଦର ସପ୍ତାହ ତଳେ ୨୦/୩୦ ଟଙ୍କା ଥିଲା, ହଠାତ୍ ତାହାର ଦର ଏତେମାତ୍ରାରେ ବୃଦ୍ଧି ପାଇବା ଦ୍ୱାରା ଗରିବ ଖାଉଟି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଛୁଡ଼ଙ୍ଗ କିଲୋ ପିଛା ୮୦ ଟଙ୍କା ରହିଥିବା ବେଳେ ବିନ୍ସ କିଲୋ ୧୦୦ ଟଙ୍କା ରହିଛି। ସେହିଭଳି ଭେଣ୍ଡି ୬୦, ପୋଟଳ ୮୦, କାକୁଡି ୫୦, କଲରା ୮୦, ଗାଜର ୫୦ ଟଙ୍କାରେ ବିକ୍ରି ହେଉଛି। ବଜାରରେ ଅଧିକାଂଶ ପରିବା ଦର ୮୦ ଛୁଇଁଛି। କିଛି ଅସାଧୁ ପରିବା ବ୍ୟବସାୟୀ ସହରରେ ନିଜ ମନ ମୁତାବକ ଦରଧାର୍ଯ୍ୟ କରୁଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି, ଯାହାକୁ ନେଇ ଖୁଚୁରା ବ୍ୟବସାୟୀ ମନମାନି କରି ଗ୍ରାହକଙ୍କଠାରୁ ନିଜ ଇଚ୍ଛା ମୁତାବକ ଦରଦାମ କଷି ନେଉଛନ୍ତି।

# ତାପମାତ୍ରା ୪୪ ଡିଗ୍ରୀରୁ ଉର୍ଦ୍ଧ୍ୱ, ଜଳୁଛି ଗଜପତି



ପାରଳାଖେମୁଣ୍ଡି,୨।୬(ଗିରିଧାରୀ ପରିଛା)

ପ୍ରଚଣ୍ଡ ରୌଦ୍ରତାପରେ ଜଳୁଛି ଗଜପତି। ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଗୁଳୁଗୁଳିରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ। ତାପମାତ୍ରା ୪୪ ଡିଗ୍ରୀରୁ ଅଧିକ ରହିଛି। ଗଜପତି ଜିଲା ଏମିତି ଏକ ଭୌଗୋଳିକ ସ୍ଥିତିରେ ଅବସ୍ଥିତ, ଯାହାର ସମସ୍ତ ଋତୁର ପ୍ରଭାବ ଏଠି ସମାନ ଭାବରେ ପଡ଼େ। ତେଣୁ ଏଠାରେ ପ୍ରତ୍ୟେକ ବର୍ଷ ମୁଣ୍ଡଫଟା ଖରା ଅନୁଭୂତ ହୁଏ। କିନ୍ତୁ ଚଳିତବର୍ଷ ଗ୍ରୀଷ୍ମପ୍ରବାହ ଦେଶରେ ବଢ଼ି ବଢ଼ି ଚାଲିଥିବା ବେଳେ ରାଜ୍ୟରେ ଓ ଗଜପତି ଜିଲାରେ ଗତ ଦୁଇ ସପ୍ତାହ ଧରି ତାପମାତ୍ରା ବୃଦ୍ଧି ଯୋଗୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରା ତାତିରୁ ରକ୍ଷା ପାଇବା ପାଇଁ କିଏ ମୁଣ୍ଡରେ ଟୋପି, ଚଷମା ପିନ୍ଧୁଛି ତ କିଏ ଛତା, ଓଦା କପଡା, କଳା ଚଷମା ବ୍ୟବହାର କରୁଛି ତ ଆଉ କିଏ ଆଖୁରସ, ଲସି, ତରଭୁଜ ଖାଇ ଖରାର ସାମ୍ନା କରୁଛନ୍ତି। ଦିନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜିଲାର ଅଧିକାଂଶ ଦୋକାନ ବଜାର ବନ୍ଦ ରହୁଥିବା ବେଳେ ରାସ୍ତାଘାଟ ଶୂନଶାନ ଦେଖିବାକୁ ମିଳୁଛି। ଗତ ବର୍ଷ ଗ୍ରୀଷ୍ମଋତୁରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପଡିଲେ ଘରୁ ବାହାରକୁ ବାହାରିଲେ ଲୋକମାନେ କିଛି ସମୟ ଗଛ ତଳେ ଆଶ୍ରୟ ନେଉଥିଲେ, କିନ୍ତୁ ଚଳିତବର୍ଷ ଗଛରେ ଗୋଟିଏ ପତ୍ର ମଧ୍ୟ ଦେଖିବାକୁ ମିଳୁ ନ ଥିବାରୁ ଘରୁ ବାହାରିବା ପୂରା ଅସମ୍ଭବ ହୋଇପଡ଼ିଛି। ତେବେ ଅଂଶୁଘାତର ସମ୍ଭାବନା ଥିବାରୁ ପ୍ରଶାସନ ତରଫରୁ ଜନସାଧାରଣଙ୍କୁ ବାରମ୍ବାର ସଚେତନ କରାଇବା ସହ ଜରୁରୀ ବୈଠକ କରାଯାଇଛି। ଏହି ବୈଠକରେ ପ୍ରଶାସନ ପକ୍ଷରୁ ଦିନ ୧୦ଘଣ୍ଟା ପରେ ଘରୁ ନ ବାହାରିବା, ଶ୍ରମିକମାନଙ୍କୁ ୧୦ଟା ପରେ କାର୍ଯ୍ୟରେ ନିୟୋଜିତ ନ କରିବା, କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ବାହାରକୁ ଗଲେ ସାଙ୍ଗରେ ଓଆର୍‌ଏସ୍ ଓ ପାଣି ଧରି ଯିବା ପାଇଁ ସଚେତନ କରାଯାଉଛି। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ସେଣ୍ଟରଠାରେ ଅଂଶୁଘାତ କେନ୍ଦ୍ର କରାଯାଇଛି। ସେଠାରେ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ଏଡିଏମ୍‌ଓ ପି. କେ. ପଣ୍ଡା ସୂଚନା ଦେଇଛନ୍ତି। ଆଗକୁ ଆହୁରି ଗୋଟିଏ ସପ୍ତାହ ଖରା ଥିବାରୁ ଅଂଶୁଘାତରୁ ଯେପରି କାହାର ମୃତ୍ୟୁ ନ ହୁଏ, ସେଥିପାଇଁ ଜିଲା ପ୍ରଶାସନ ସଜାଗ ରହିବା ଆବଶ୍ୟକତା ରହିଛି।

# ବାଲିଗୁଡ଼ାର ୨ଟି ସ୍ଥାନରେ ହେବ ଭୋଟ ଗଣତି

ବାଲିଗୁଡା,୨।୫(ସଞ୍ଜୟ କୁମାର ପାଣିଗ୍ରାହୀ)

ଆସନ୍ତା ୪ ତାରିଖରେ ଭୋଟ ଗଣତି ପାଇଁ କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଗଣତି ଏଜେଣ୍ଟଙ୍କ ସମ୍ପର୍କରେ ତଥ୍ୟ ଓ କାଗଜପତ୍ର ପ୍ରାର୍ଥୀମାନଙ୍କୁ ମଗାଯାଇଛି। ଗଣତି ଦାୟିତ୍ୱରେ ରହିଥିବା ଅଧିକାରୀମାନଙ୍କୁ ତାଲିମ ଦିଆସରିଛି। ଭୋଟ ଗଣତି କେନ୍ଦ୍ର ମଧ୍ୟକୁ ପାସଧାରୀ ବ୍ୟକ୍ତି ବିଶେଷଙ୍କୁ କଡାକଡ଼ି ଯାଞ୍ଚ କରି ପ୍ରବେଶ କରାଯିବ। ବାଲିଗୁଡାର ୨ଟି ସ୍ଥାନରେ ଭୋଟ ଗଣତି କରାଯିବ ବୋଲି ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କନ୍ଧମାଳ ଲୋକ ସଭା କ୍ଷେତ୍ରର ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏବଂ ଜି.ଉଦୟଗିରି ବିଧାନସଭା ନିର୍ବାଚନମଣ୍ଡଳୀର ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ପରିସରରେ ଉକ୍ତଦିନ ସକାଳ ୮ ଟାରୁ ଭୋଟ ଗଣତି ହେବ ବୋଲି ସୂଚନା ଦିଆଯାଇଛି। ଭୋଟ ଗଣତି ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। କନ୍ଧମାଳ ଜିଲାରେ ଗତ ୨୦ ତାରିଖରେ ମତଦାନ ହୋଇଥିଲା। ମତଦାନ ପରେ ଇଭିଏମ୍ ଗୁଡିକ ଷ୍ଟ୍ରଙ୍ଗରୁମ୍‌ରେ ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ଷ୍ଟ୍ରଙ୍ଗରୁମ୍ ମଧ୍ୟରେ ସିସି ଟିଭି କ୍ୟାମେରା ବ୍ୟବସ୍ଥା ହୋଇଛି।

# ତପ୍ତପାଣି ଘାଟିରେ ଟ୍ରକ୍ ଓଲଟି ଚାଳକ ମୃତ



ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

ଦିଗପହଣ୍ଡି/ ପାଟପୁର,୨।୬
(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟିରେ ରବିବାର ଏକ ହଳଦୀ ବୋଝେଇ ଟ୍ରକ ଓଲଟି ପଡ଼ିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନୟାଗଡ଼ ଜିଲା ଇଟାମାଟି ନିକଟ ସରପଡ଼ା ଗ୍ରାମର ସୁରେଶ ଗୁରୁ। ଗଜପତି ଜିଲା ମୋହନାରୁ ହଳଦୀ ବୋଝେଇ ଟ୍ରକ୍ (ନଂ. ଓଡ଼ି ୦୨ ବି ୯୮୮୦) ବ୍ରହ୍ମପୁର ଅଭିମୁଖେ ଆସୁଥିବା ବେଳେ ତପ୍ତପାଣି ଘାଟି ଜକରାପଲ୍ଲୀ ଗ୍ରାମ ପାଲୁଖଳା ବୁଲାଣି ଭାରସାମ୍ୟ ହରାଇ ତଳକୁ ଓଲଟି ପଡ଼ିଥିଲା। ଚାଳକ ସୁରେଶଙ୍କ ଟ୍ରକ ତଳେ ଚାପି ହୋଇ ରହିଥିଲେ। ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ଗ୍ୟାସ କଟରରେ କାଟି ସୁରେଶଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ପାଟପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇବା ସହ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରିଛି।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି,୨।୬(ଗିରିଧାରୀ ପରିଛା)

ଗୁମ୍ମା ବ୍ଲକ ନାମନଗଡ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଭେଙ୍କେଟ ରମଣ ସାହୁକାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସାହୁକାରଙ୍କ ଶୃଙ୍ଖଳିତ କାର୍ଯ୍ୟ ଓ ଗୁଣାବଳୀ ସମ୍ପର୍କରେ ସବୁ ଶିକ୍ଷକମାନେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁମ୍ମା କାର୍ଯ୍ୟାଳୟରୁ ଔପଚାରିକ ଅବସରପ୍ରାପ୍ତ ଭାବେ ସାହୁକାରଙ୍କୁ ପେନସନ ବାବଦ ସମସ୍ତ ଆବଶ୍ୟକ ଦସ୍ତାବିଜ ପ୍ରଦାନ କରାଯାଇଛି।

# ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଗଞ୍ଜାମ,୨।୬(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳିସ୍ଥିତ ସହିଦ ଭଗତ ସିଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବାକର ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଇତିହାସ ବିଭାଗ ପ୍ରାଧ୍ୟାପକ ଅଭିମନ୍ୟୁ ସାହୁଙ୍କ ସଂଯୋଜନାରେ ଆୟୋଜିତ ସାମାଜିକ କର୍ମୀ ରାମଚନ୍ଦ୍ର ଗୌଡ଼ ଓ ରାମଚନ୍ଦ୍ର ନାୟକ ଯୋଗଦେଇଥିଲେ। ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି ବିଦାୟୀ ଅଧ୍ୟକ୍ଷଙ୍କୁ ପ୍ରଶଂସା କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ନରସିଂହ ସାହୁ ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

# କାଳବୈଶାଖୀ ତାଣ୍ଡବ, ଖଜୁରିପଡ଼ାରେ ବ୍ୟାପକ କ୍ଷୟକ୍ଷତି

ଖଜୁରିପଡ଼ା,୨।୬ (ବିଦୁର ବେହେରା)



ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି।

କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ରବିବାର କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଘରଛପର ଉଡ଼େଇ ନେଇ ଥିବା ବେଳେ ଘରର ଆସବାବପତ୍ର ନଷ୍ଟ ହୋଇଯାଇଛି। କେତେକ ସ୍ଥାନରେ ଲାଇନ ଖୁମ୍ବ ଉପୁଡ଼ି ପଡିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ରାସ୍ତା ଉପରେ ବଡ ବଡ ଗଛ ପଡ଼ି ଘଣ୍ଟା ଘଣ୍ଟା ଧରି ରାସ୍ତା ଅବରୋଧ ହୋଇଛି। ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଅପରାହ୍ନରେ ଖଜୁରିପଡ଼ା ଅଞ୍ଚଳରେ ପବନ ଘଡ଼ ଘଡି ସହିତ କାଳବୈଶାଖୀ ବର୍ଷା ହୋଇଥିଲା। ଏହାଦ୍ୱାରା ଦୂତି ମେଣ୍ଡି, ଖଜୁରିପଡ଼ା, ବନ୍ଧସାହି, ରଣ ପାଟୁଲି, ମାଙ୍କଡଗଡା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଆଜି ଦିନ ଦୁଇ ପ୍ରହରର କାଳବୈଶାଖୀ ତାଣ୍ଡବ ଯୋଗୁ ସେବତୀ ବିନ୍ଧାଣି, ରଜନୀ ବିନ୍ଧାଣିଙ୍କ ଘରଛପର ଟିଣ ଉଡ଼େଇ ନେଇ ଥିବା ବେଳେ ରଣ ପାଟୁଲିରେ ବ୍ରାହ୍ମଣ ଦେବୀ ମନ୍ଦିରର ଛପର ଉଡେଇ ନେଇଛି। ଫୁଲବାଣୀରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ୧୫୭ ନଂ. ଜାତୀୟ ରାଜପଥର ପିଣ୍ଡାବାଡ଼ି ସ୍କୁଲ ନିକଟ ରାସ୍ତାରେ ଗଛ ଉପୁଡ଼ି ପଡ଼ିବା ଯୋଗୁ ବହୁ ସମୟ ଧରି ଯାନବାହନ ଚଳାଚଳରେ ବାଧାପ୍ରାପ୍ତ ସୃଷ୍ଟି ହୋଇଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ରାସ୍ତାରୁ ଗଛ ହଟାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଦୂତି ମେଣ୍ଡୀ ଲ୍ୟାମ୍ପ ନିକଟରେ ବିଦ୍ୟୁତ୍ ତାର ଉପରେ ଡାଳ ଭାଙ୍ଗି ପଡ଼ିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି।

## ସଂକ୍ଷେପରେ

### ଯୁକ୍ତ ୨ରେ କିରନ ବ୍ଲକ ଟପ୍ପର

ରାମଗିରି, ୨।୬(ବୃନ୍ଦାବନ ଗୌଡ଼)



ଆର.ଉଦୟଗିରି ବ୍ଲକ ରାମଗିରିସ୍ଥିତ ମହେନ୍ଦ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ୨ କଳାର ବିଦ୍ୟାର୍ଥୀ ମାନେ ଆଶାନୁରୂପ ସଫଳତା ହାସଲ କରିଛନ୍ତି। କଳାରେ ୯୦.୬% ପାସ୍‌ହାର ରହିଥିବା ବେଳେ ୧୧ ଜଣ ପ୍ରଥମ, ୨୫ ଦ୍ୱିତୀୟ ଏବଂ ୧୭୮ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିରନ କୁମାର ମଣ୍ଡଳ ସର୍ବାଧିକ ୪୯୯ ନମ୍ବର ରଖି ବିଦ୍ୟାଳୟ ଏବଂ ଆର. ଉଦୟଗିରି ବ୍ଲକ ପାଇଁ ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ଫଳାଫଳକୁ ନେଇ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ପଟ୍ଟନାୟକ ଓ ବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ କର୍ମଚାରୀ, ଅଭିଭାବକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ମିକ୍ସର ମେଶିନ ଓଲଟି ଶ୍ରମିକ ମୃତ

ଖଜୁରିପଡ଼ା, ୨।୬(ବିଦ୍ୟୁର ବେହେରା)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ରାଣୀପଥର ଠାରେ ରବିବାର ଅପରାହ୍ନରେ ଏକ ମିକ୍ସର ମେଶିନ ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଛତିଶଗଡ ରାଜ୍ୟର ଅନୱର ଅଂସାରି (୨୬)। ରାଣୀପଥରଠାରୁ ଖଜୁରିପଡା ପର୍ଯ୍ୟନ୍ତ ପାହାଡ଼କାଟି ରାସ୍ତା ନିର୍ମାଣ କାମ ଚାଲିଛି। ରବିବାର ଅପରାହ୍ନରେ ରାସ୍ତା କାମ ଚାଲିଥିବା ସମୟରେ ଅସାବଧାନତା ହେତୁ ମିକ୍ସର ମେଶିନ ଓଲଟି ପଡ଼ିଥିଲା। ଏଥିରେ ଅନୱର ମେଶିନ ତଳେ ଚାପି ହୋଇ ଯାଇଥିଲେ। ଚାରିଛକ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ପୁରୁଣାକଟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରଥିଲେ। ଫୁଲବାଣୀ ସଦରଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦିଗପହଣ୍ଡି, ୨।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଭିଷ୍ଣୁଗିରି ଗ୍ରାମ ସ୍ଥିତ ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଡ. ସୁଧୀରଞ୍ଜନ ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଉଚ୍ଚ ମାଧ୍ୟମିକ ଆଞ୍ଚଳିକ ଶିକ୍ଷା ଉପନିର୍ଦ୍ଦେଶକ ସୁଶାନ୍ତ ଦାଶ, ବିଶିଷ୍ଟ ଶିକ୍ଷାବିତ ଶେଷଦେବ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ପ୍ରାଧ୍ୟାପକ ଡ. ସୁଧୀରଞ୍ଜନ ହୋତା ନୂତନ ଭାବେ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବା ପରେ କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି।

### ଯୋଗ ତପସ୍ୟା ଶିବିର ଉଦ୍‌ଘାଟିତ

ଆସିକା, ୨।୬(ସୁରେନ୍ଦ୍ର ନାଥ ସାହୁ)

ଆସିକା ବସଷ୍ଟାଣ୍ଡ ସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଶ୍ୱ ବିଦ୍ୟାଳୟ ଶାନ୍ତି ଶକ୍ତି ଭବନ ଠାରେ ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ୨୧ ଦିନିଆ ଯୋଗ ତପସ୍ୟା ଶିବିର ଉଦଘାଟିତ ହୋଇଛି। ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ପ୍ରଭାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ଅବକାରୀ ବିଭାଗର ମଣ୍ଡଳ ଅଧିକାରୀ ଅରୁଣ କୁମାର ଯୋଶୀ ମୁଖ୍ୟ ଅତିଥି ଭବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଏକ ସୁସ୍ଥ ଜୀବନ ଲାଗି ଯୋଗର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସତ୍ୟପ୍ରିୟ, ରବୀନ୍ଦ୍ର, ରାମେଶ୍ୱର ପ୍ରମୁଖ ପରିଚାଳନା କରିଥିଲେ।

### ନିଖୋଜ ମହିଳାଙ୍କ ମୃତଦେହ ଜବତ

ବେଲଗୁଣ୍ଠା, ୨।୬(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ଥାନା ଅର୍ନ୍ତଗତ କେବିରି ବରପୁର ଗ୍ରାମର ନିଖୋଜ ଥିବା ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଏହି ଗ୍ରାମର ସୁବାସ ସ୍ୱାଇଁଙ୍କ ସ୍ତ୍ରୀ ବଙ୍ଗାଳୀ ସ୍ୱାଇଁ(୬୬)। ବଙ୍ଗାଳୀ ଗତ ୩୦ ତାରିଖରୁ ନିଖୋଜ ଥିଲେ। ଏ ନେଇ ସୁବାସ ବେଲଗୁଣ୍ଠା ଥାନାରେ ଏକ ନିଖୋଜ ମାମଲା ଦାୟର କରିଥିଲେ। ପୋଲିସ ନଂ. ୨୭/୨୪ରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର କେବିରି ବରପୁର ନିକଟସ୍ଥ ବାସଙ୍ଗ ପୀଠ ନିକଟରୁ ବନବିଭାଗ କର୍ମଚାରୀମାନେ ବଙ୍ଗାଳୀଙ୍କ ମୃତଦେହ ଠାବ କରି ବେଲଗୁଣ୍ଠା ପୋଲିସକୁ ଜଣାଇଥିଲେ। ପୋଲିସ ବଙ୍ଗାଳୀଙ୍କ ମୃତଦେହ ଉଦ୍ଧାର କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

# ଲଣ୍ଡା ପାହାଡ଼ରେ ସବୁଜିମା ସୃଷ୍ଟି ପାଇଁ ପ୍ରୟାସ

ବ୍ରହ୍ମପୁର, ୨।୬(ଅଶୋକ କୁମାର ସାହୁ)

ବର୍ଷା ଆଗମନକୁ ଦୃଷ୍ଟିରେ ରଖି କୁକୁଡାଖଣ୍ଡି ବ୍ଲକ ରାମଗୁଡା ସଂରକ୍ଷିତ ଜଙ୍ଗଲ ନିକଟ ବରପଲ୍ଲୀ ଲଣ୍ଡା ପାହାଡରେ ସବୁଜ ବାହିନୀ ପକ୍ଷରୁ ସବୁଜିମା ସୃଷ୍ଟି ପାଇଁ ପ୍ରୟାସ ଆରମ୍ଭ ହୋଇଛି। ନିଜ ସଂସ୍ଥା ଜରିଆରେ ଚାଲିଥିବା 'ଜଙ୍ଗଲ ପାଇଁ ମଞ୍ଜିଟିଏ' କାର୍ଯ୍ୟକ୍ରମରେ ଏହି ପାହାଡକୁ ସାମିଲ କରି ସେଠାରେ ତେନ୍ତୁଳି, ଆମ୍ବ ଚାରା ରୋପଣ କରାଯାଇଛି। ସଙ୍ଗଠନ ପକ୍ଷରୁ ବିଗତ ବର୍ଷଗୁଡିକରେ ବିଭିନ୍ନ ଲଣ୍ଡା ପାହାଡ଼ରେ ସିଡ ବଲ ମାଧ୍ୟମରେ ଜଙ୍ଗଲ ସୃଷ୍ଟି କରାଯାଇଥିଲା। ଏହା ଫଳପ୍ରଦ ହୋଇ ନ ଥିବାରୁ ଚଳିତବର୍ଷ ଗାତ ଖୋଳି ବିଭିନ୍ନ କିସମର ମଞ୍ଜି ପୋତାଯାଇଛି। ପ୍ରଥମ ପର୍ଯ୍ୟାୟରେ ଛତ୍ରପୁର ଉପକଣ୍ଠ ରାମଚଣ୍ଡୀ ମନ୍ଦିର ନିକଟ ଲଣ୍ଡା ପାହାଡରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା।



ସଂଗଠନର ସଦସ୍ୟମାନେ ଗାତ ଖୋଳି ମଞ୍ଜି ପୋତୁଛନ୍ତି।

ରବିବାରର କାର୍ଯ୍ୟ କ୍ରମରେ ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏ ପ୍ରକାଶ, ସହ ସମ୍ପାଦକ ପି ବିନୋଦ, ଆକାଶ ରାଉତ, ପ୍ରବୀଣ ନାୟକ, ରବି ସାହାଣୀ, ବାଲାଜୀ ବେହେରା, ରବି ସାହୁ ପ୍ରମୁଖ ସାମିଲ ଥିଲେ।

# ଭୋଟ ଗଣତିରେ ନିୟୋଜିତ ହେବେ ୩୦୦ କର୍ମଚାରୀ

ଫୁଲବାଣୀ, ୨।୬(ରାକେଶ କୁମାର ରାଉତ)

ଆଉ ଗୋଟିଏ ଦିନ ପରେ ହେବ ଭୋଟ ଗଣତି। ଏଥିପାଇଁ କନ୍ଧମାଳ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭୋଟ ଗଣତି କାର୍ଯ୍ୟରେ ମୋଟ ୩୦୦ କର୍ମଚାରୀ ନିୟୋଜିତ ହେବେ। ସେମାନଙ୍କ ମଧ୍ୟରୁ ୧୨୨ ଜଣ ଗଣତି ପ୍ରକ୍ରିୟାରେ ଏବଂ ଅନ୍ୟମାନେ ଆନୁଷଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନ କରିବେ। ୪ ତାରିଖ ସକାଳ ୮ଟାରୁ ଗଣତି ଆରମ୍ଭ ହେବ। ଗଣତି ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

କନ୍ଧମାଳ ଲୋକ ସଭା ଆସନ ଓ ଫୁଲବାଣୀ ବିଧାନସଭା ଆସନ ପାଇଁ ସ୍ଥାନୀୟ ପଲିଟେକ୍‌ନିକଠାରେ ଭୋଟ ଗଣତି କରାଯିବ। ବାଲିଗୁଡ଼ା ବିଧାନସଭା ଆସନ ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓ ଜି. ଉଦୟଗିରି ପାଇଁ ଆଦିବାସୀ ମହାବିଦ୍ୟାଳୟରେ ଭୋଟ ଗଣତି ହେବ। ଫୁଲବାଣୀ ବିଧାନସଭା ଆସନ ପାଇଁ ୧୦ଟି ଓ ଲୋକ ସଭା ଆସନ ପାଇଁ ୧୦ଟି ଟେବୁଲରେ ଗଣତି ହେବ। ଫୁଲବାଣୀର ୨୩୦ଟି ବୁଥ୍ ପାଇଁ ୨୩ ରାଉଣ୍ଡ ଗଣତି ହେବ। ସେହିଭଳି ପୋଷ୍ଟାଲ ବାଲଟ ପାଇଁ ଆଉ ୧୦ଟି ଟେବୁଲ ରହିବ। ଫୁଲବାଣୀ ବିଧାନସଭା ଆସନରେ ଏଥରକ ୧ ଲକ୍ଷ ୪୫ ହଜାର ୧୨୪ ଜଣ ମତଦାନ କରିଥିବା ସୂଚନା ଦିଆଯାଇଛି।

# ଏସ୍‌ପିଙ୍କୁ ଭେଟିଲେ ଅପହୃତ ଡାକ୍ତରଙ୍କ ପରିବାର



ଅଭିଯୋଗ ପତ୍ର ପ୍ରଦାନ କରାଯାଉଛି।

ଫୁଲବାଣୀ, ୨।୬(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଟିକାବାଲି ଭୋଇ ସାହିର ଯୁବ ଡାକ୍ତର ଅମ୍ଲାନ ଭୋଇ ମାଲକାନଗିରି ଜିଲା କାଲିମେଳାରୁ ଅପହୃତ ହୋଇଛନ୍ତି। ସେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଛନ୍ତି। ଶନିବାର ରାତିରେ ତାଙ୍କୁ କେହି ଅପହରଣ କରି ନେଇଛନ୍ତି। କାଲିମେଳା ପୋଲିସ ଏହାର ତଦନ୍ତ ଚଳାଇଥିବା ବେଳେ ପୁଅର ଅପହରଣ ଖବର ପାଇ ଟିକାବାଲିରେ ରହୁଥିବା ଅମ୍ଲାନଙ୍କ ବାପା ମା'ଙ୍କ ଅବସ୍ଥା ବେହାଲ ହୋଇ ପଡିଛି। ଅମ୍ଲାନଙ୍କ ବାପା ଅବନୀ ଭୋଇ ଜଣେ କ୍ଷୁଦ୍ର ବ୍ୟବସାୟୀ ହୋଇଥିବା ବେଳେ ଓ ମା' ବିନୋଦିନୀ ସାମଲ ଟିକାବାଲି ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ କାର୍ଯ୍ୟ କରୁଛନ୍ତି । ବାପା ମା' ରାଜ୍ୟ ସରକାର, ମାଲକାନଗିରି ଜିଲା ପ୍ରଶାସନ ଓ କନ୍ଧମାଳ ଜିଲା ପ୍ରଶାସନକୁ ପୁଅର ସୁରକ୍ଷା ପାଇଁ ନିବେଦନ କରିଛନ୍ତି। ସ୍ଥାନୀୟ ଟିକାବାଲି ଥାନାରେ ମଧ୍ୟ ଏକ ଅଭିଯୋଗ କରି ପୁଅକୁ ଫେରାଇ ଆଣିବା ପାଇଁ ଗୁହାରୀ କରିଛନ୍ତି। ଏଥିସହ ସନ୍ଧ୍ୟାରେ କନ୍ଧମାଳ ଏସ୍‌ପିଙ୍କୁ ମଧ୍ୟ ଏକ ଲିଖିତ ଅଭିଯୋଗ ଦେଇଛନ୍ତି ଅମ୍ଲାନଙ୍କ ପରିବାର। ଏସପିଙ୍କ ଅନୁପସ୍ଥିତିରେ କ୍ରାଇମବ୍ରାଞ୍ଚ ଡିଏସପି ସର୍ବେଶ୍ୱର ବେହେରା ଅଭିଯୋଗ ଗ୍ରହଣ କରି ଏ ନେଇ ବିହନ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଟିକାବାଲି ଅଞ୍ଚଳବାସୀ ମଧ୍ୟ ଏହି ଘଟଣାକୁ ନେଇ ଚିନ୍ତାରେ ଅଛନ୍ତି।

# ସାମାଜିକ 'କଳିଯୁଗ ତୋତେ ଦୂରୁ ଜୁହାର' ନାଟକ ମଞ୍ଚସ୍ଥ

ଆସିକା, ୨।୬(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ ଆଲିପୁର ପଞ୍ଚାୟତ ଅନ୍ତର୍ଗତ କୋଟିବାଡ଼ି ଗ୍ରାମରେ ଗ୍ରାମର ଯୁବ କଳାକାର ମାନଙ୍କ ଦ୍ୱାରା ସାମାଜିକ ନାଟକ 'କଳିଯୁଗ ତୋତେ ଦୂରୁ ଜୁହାର' ମଞ୍ଚସ୍ଥ ହୋଇଥିଲା। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ନାଟକ ଉଦଘାଟନ କରିଥିଲେ। ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବିଜେଡି ଜିଲା ଉପସଭାପତି ଦିଲୀପ ପାଣିଗ୍ରାହୀ, ମଞ୍ଚ କଳା ନିର୍ଦ୍ଦେଶକ ତଥା ସରପଞ୍ଚ ଭବାନୀ ଶଙ୍କର ମଲିକ, ଆଲିପୁର ସରପଞ୍ଚ ଜ୍ୟୋର୍ତିମୟୀ ନାହାକ, ଗ୍ରାମ ସଭାପତି କାଲୁ ଗୌଡ଼, ଉପସଭାପତି ସୁରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଯୁବ କଳାକାରମାନଙ୍କୁ ପ୍ରଶଂସା କରିଥିଲେ। ପ୍ରସନ୍ନ କୁମାର ଗୌଡ଼, କେଶବ ଗୌଡ଼, ସଞ୍ଜୟ ପାତ୍ର, ବାଉରୀବନ୍ଧୁ ଜେନା, ସତ୍ୟ ନାରାୟଣ ଦୋରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମଞ୍ଚାସୀନ ଅତିଥି।

### କାଳବୈଶାଖୀରେ ଭାଙ୍ଗିଲା ଘର

ଚକାପାଦ, ୨।୬(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ ଲାୟନପଡ଼ାରେ ରବିବାର କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଦେବଦତ୍ତ ନାୟକଙ୍କ ଘର ଭାଙ୍ଗିଯାଇଛି। ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଥିବା ଗଛ ଭାଙ୍ଗି ପଡିବାରୁ ରାସ୍ତା ଅବରୋଧ ହେବା ସହ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ବପଲମେଣ୍ଡି ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ଘର ମଧ୍ୟ ଭାଙ୍ଗିଯାଇଛି। ଅଧିକାଂଶ ଗାଁ ଗହଳିରେ ଚାଳ ଛପର ଉଡ଼ିଯାଇଛି। ଶୀଘ୍ର ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ ସହାୟତା ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଏମ୍‌କେସିଜି ଲେବର ରୁମ୍‌ରେ ଲାଞ୍ଚ ନିଆଯାଇଥିବା ଅଭିଯୋଗ

ବ୍ରହ୍ମପୁର, ୨।୬ (ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି) ମେଡିକାଲ ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ଲେବର ରୁମରେ ଜଣେ ରୋଗୀ ସମ୍ପର୍କୀୟଙ୍କ ଠାରୁ ଆଉଟସୋର୍ସିଂ ଆଟେଣ୍ଡାଣ୍ଟମାନେ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଏମ୍‌କେସିଜିର ନିୟମିତ ସୁଇପରଙ୍କ ମଧ୍ୟ ହାତ ଥିବା ଅଭିଯୋଗ ହୋଇଛି । ବ୍ରହ୍ମପୁର ଲୋଚପଡାର ଅଞ୍ଚଳର ଜଣେ ଗର୍ଭବତୀ ଶନିବାର ଏମକେସିଜିକୁ ଆସିଥିଲେ। ରାତି ୩ଟାରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଶିଶୁ ଜନ୍ମ ହେବା ପରେ ଲେବର ରୁମରେ କାର୍ଯ୍ୟରତ ସଂସ୍ଥାର ୨ ଜଣ ଆଟେଣ୍ଡାଣ୍ଟ ପ୍ରସୂତିଙ୍କ ସମ୍ପର୍କୀୟଙ୍କୁ ୩୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ସେ ମନା କରିଥିଲେ ମଧ୍ୟ ଆଟେଣ୍ଡାଣ୍ଟମାନେ ଜୋର ଜବରଦସ୍ତି କରି ଟଙ୍କା ମାଗି ନେଇଥିଲେ। ଏହାକୁ ନେଇ ରୋଗୀ ସମ୍ପର୍କୀୟ ଜଣଙ୍କ ରବିବାର ତାଙ୍କର ଜଣେ ପରିଚିତ ନର୍ସିଂ ଅଫିସରଙ୍କୁ ଜଣାଇଥିଲେ। ସେହିପରି ପ୍ରସୂତି ବିଭାଗରେ ଲେଖା ହୋଇଥିବା ଏମକେସିଜିରେ ଜଣେ ମ୍ୟାନେଜରଙ୍କ ଫୋନ ନମ୍ବରରେ ଯୋଗାଯୋଗ କରି ଲାଞ୍ଚ ମଗାଯାଉଥିବା ଅଭିଯୋଗ କରିଥିଲେ। ରବିବାର ଛୁଟି ଥିବାରୁ ସୋମବାର ଘଟଣାର ତଦନ୍ତ କରାଯିବ ବୋଲି ମ୍ୟାନେଜର କହିଥିଲେ। ସୋମବାର ରୋଗୀ ସମ୍ପର୍କୀୟ ମାନେ ଏମକେସିଜି ଅଧୀକ୍ଷକଙ୍କୁ ଅଭିଯୋଗ କରିବେ ବୋଲି କହିଛନ୍ତି ।

# କ୍ୟାନ୍‌ସର ସଚେତନତା ଶିବିର

ରମ୍ଭା, ୨।୬(ବନବାସୀ ସେଠୀ)

ସ୍ଥାନୀୟ ମିଞ୍ଜିନି ପାଟଣା କଲେଜ ରୋଡ଼ସ୍ଥିତ ଜ୍ଞାନଲୋକ କୋଚିଂ ସେଣ୍ଟରରେ କାଳିଆ ବେହେରାଙ୍କ ତତ୍ତ୍ୱାବଧାନରେ କ୍ୟାନ୍‌ସର ବିଶେଷଜ୍ଞ ଡା. ସରୋଜ କୁମାର ଦାସ ଛାତ୍ରୀଛାତ୍ରମାନଙ୍କୁ କ୍ୟାନ୍‌ସର ରୋଗ ଉପରେ ସଚେତନ କରିଛନ୍ତି। ବର୍ତ୍ତମାନ ଯୁବପିଢ଼ି ତମାଖୁ, ସିଗାରେଟ୍, ମାୱା ମସଲା, ମଦ, ଗଞ୍ଜେଇ ପରି ବିଭିନ୍ନ ନିଶାଦ୍ରବ୍ୟ ସେବନ କରିବା ଫଳରେ କ୍ୟାନ୍‌ସର, ମୁଖଗହ୍ୱର, ସ୍ତନ କର୍କଟ ଭଳି ବଡ଼ ବଡ଼ ରୋଗର ଶିକାର ହେଉଛନ୍ତି। ଏହାକୁ ଏଡ଼ାଇ ଆଗାମୀ ପିଢ଼ି ପାଇଁ ଯୁବ ସମାଜକୁ ସଚେତନତାର ବାର୍ତ୍ତା ଯୋଗାଇବା ପାଇଁ ସଚେତନତା ଶିବିରରେ ଶିକ୍ଷା ପ୍ରଦାନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ୟାମା କ୍ରିଷ୍ଟୋ ରାଓ, ସାମାଜିକ କର୍ମୀ କାହ୍ନା ଗୌଡ଼, ଶାନ୍ତନୁ ପ୍ରଧାନ, ଆକାଶ ରଣା, ମନୋଜ ପ୍ରଧାନ ଯୋଗଦେଇଥିଲେ। ଏଥିରେ ଆରତୀ ରଣା କ୍ୟାନ୍‌ସର ବିଷୟରେ ପ୍ରଶ୍ନ ଉତ୍ତର, ରୋଗର ଉଦାହରଣ ଏବଂ କ୍ୟାନ୍‌ସରର ଚିତ୍ରାଙ୍କନର ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରଥମ ଲିସି ବେହେରା, ଦ୍ୱିତୀୟ ଏସ୍. ମୋହନ ପାତ୍ର, ତୃତୀୟ ଆରତୀ ରାଣାଙ୍କୁ ସିଲ୍‌ଡ କପ ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।




କ୍ୟାନ୍‌ସର ସଚେତନତା ଶିବିର।

# ଡକାୟତି ଯୋଜନା ପଣ୍ଡ, ୪ ଗିରଫ



ଡକାୟତି ଅଭିଯୋଗରେ ଗିରଫ ହୋଇଥିବା ୪ ଅଭିଯୁକ୍ତ।

ହିଞ୍ଜିଳିକାଟୁ, ୨।୬(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ୫୯ ନଂ ଜାତୀୟ ରାଜପଥ ତଥା ଶ୍ୟାମଳାଇ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଡକାୟତି ଯୋଜନା କରୁଥିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରକର ସନ୍ଦିପ ସାହୁ(୩୧), ସନ୍ତୋଷ ପୃଷ୍ଟି(୨୯), ଖୋର୍ଦ୍ଧାର ସୂର୍ଯ୍ୟ ନାରାୟଣ ଜେନା (୩୨)ଓ ଗୋପାଳପୁରର ବଚନ ମହାନ୍ତ(୨୫)। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଖଣ୍ଡା, ଭୁଜାଲି, ଠେଙ୍ଗା, ୪ଟି ମୋବାଇଲ ଫୋନ ସମେତ ଏକ କାର୍(ଓଡି୦୨ ସିଡି ୪୬୩୧)କୁ ଜବତ କରାଯାଇଛି। ଏ ନେଇ ହିଞ୍ଜିଳି ଥାନାରେ ନଂ.୫୧୫/୨୪ରେ ଏକ ମାମଲା ରୁଜୁ କରି ଗିରଫ ଯୁବକଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

# ମାନସିକ ବିକାରଗ୍ରସ୍ତଙ୍କୁ ଥଇଥାନ କଲା ବିପଦର ବନ୍ଧୁ

ଭଞ୍ଜନଗର, ୨।୬(ବାବୁଲା ପ୍ରଧାନ)

ଭଞ୍ଜନଗର ଅଞ୍ଚଳରେ ଏକାଧିକ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଏଣେ ତେଣେ ବୁଲୁଥିଲେ। ସେମାନଙ୍କ କଥା କେହି ବୁଝୁ ନ ଥିବା ବେଳେ ପାଖକୁ କେହି ଯାଉ ନ ଥିଲେ। କିନ୍ତୁ ବିପଦର ବନ୍ଧୁ ଭଞ୍ଜନଗର କର୍ମକର୍ତ୍ତାମାନେ ସେମାନଙ୍କ କଥା ବୁଝିବା ସହ ନୂଆ ପୋଷାକ ଦେଇ ସେମାନଙ୍କୁ ପରିଷ୍କାର ପରିଚ୍ଛନ କରୁଛନ୍ତି। ଏପରକି ସେମାନଙ୍କୁ ସ୍ଥାୟୀ ଥଇଥାନ ପାଇଁ ସହାୟତାର ହାତ ବଢ଼ାଇଛନ୍ତି। ଭଞ୍ଜନଗର ସହରରେ ବୁଲୁଥିବା ୬ ଜଣ ମାନସିକ ବିକାରଗ୍ରସ୍ତଙ୍କୁ ରବିବାର ଉଦ୍ଧାର କରାଯାଇ ସେମାନଙ୍କ ବ୍ରୁଟି କରାଯିବା ପରେ ଗାଧୋଇ ଦିଆଯାଇଥିଲା।। ଏହାପରେ ଏକ ସ୍ୱତନ୍ତ୍ର ଗାଡ଼ିରେ ସମସ୍ତଙ୍କୁ ବ୍ରହ୍ମପୁର କର୍ନିଷି ନିକଟସ୍ଥ ମିଶନ ଆଶ୍ରା ନାମକ ଏକ ଆଶ୍ରମକୁ ନିଆଯାଇଛି। ସେଠି ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରାଯିବ। ଆଶ୍ରମରେ ସାଧାରଣ ଜୀବନ ଜିଇଁବାକୁ ଆଶା ଦେଖାଇଛନ୍ତି ସଦସ୍ୟ ମାନେ । ବିପଦର ବନ୍ଧୁ ଅନୁଷ୍ଠାନ ଏଭଳି ଜନହିତକର କାର୍ଯ୍ୟ କରେ ବୋଲି କର୍ମକର୍ତ୍ତା ଅରକ୍ଷିତ ପରିଡ଼ା ପ୍ରକାଶ କରିଛନ୍ତି।



ମାନସିକ ବିକାରଗ୍ରସ୍ତଙ୍କୁ ଥଇଥାନ ପାଇଁ ନିଆଯାଉଛି।

# ଗ୍ରୀଷ୍ମକାଳୀନ ବକ୍ସିଂ ପ୍ରଶିକ୍ଷଣ ଶିବିର ସରିଲା

ବ୍ରହ୍ମପୁର, ୨।୬(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲା ଆଥଲେଟିକ ଆସୋସିଏଶନ ଓ ଗଞ୍ଜାମ ବକ୍ସିଂ କ୍ଲବ ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଗ୍ରୀଷ୍ମକାଳୀନ ବକ୍ସିଂ ପ୍ରଶିକ୍ଷଣ ଶିବିର ରବିବାର ସରିଛି। ଶିବିରେ ୨୫ ବାଳିକା ଓ ୭୫ ବାଳକ ପ୍ରଶିକ୍ଷଣ ନେଇଥିଲେ। ମୁଖ୍ୟ ଅତିଥି ଭାବେ ଜାତୀୟ ବକ୍ସିଂ ଫେଡେରେଶନର ଉପସଭାପତିତଥା ଓଡ଼ିଶା ଆମେଚର ବକ୍ସିଂ ଆସୋସିଏଶନର ସମ୍ପାଦକ ଅନିଲ ବହିଦାର, ସମ୍ମାନନୀୟ ଅତିଥି ଭାବେ ଓଡ଼ିଶା ଆମେଚର ବକ୍ସିଂ ଆସୋସିଏସନର ଯୁଗ୍ମ ସମ୍ପାଦକ ବିଜୟ ଚନ୍ଦ୍ର ଦାସ, ଗଞ୍ଜାମ ଜିଲା ଆଥଲେଟିକ ଆସୋସିଏଶନ(ଜିଡିଏ)ର ଯୁଗ୍ମ ସମ୍ପାଦକ ବସନ୍ତ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଉପେନ୍ଦ୍ର ପଟ୍ଟନାୟକ, ଆଥଲେଟିକ କୋଚ ସୁରେନ୍ଦ୍ର କୁମାର ପଟ୍ଟନାୟକ, ଷ୍ଟାଡିୟମ ଇନଚାର୍ଜ ସଞ୍ଜୀବ କୁମାର ସାହୁ, ବାସ୍କେଟ ବଲ କୋଚ କାଜଲ ସାହୁ, ଜିଡିଏର ଉପସଭାପତି କେ.ଦିଲ୍ଲୀପ କୁମାର, ପ୍ରଶାନ୍ତ କୁମାର ରାଉତ, କାଳି ଚରଣ ରଥ, ପୂର୍ଣ୍ଣଚନ୍ଦ୍ର ପାତ୍ର, ସୁଶୋଭନ ମିଶ୍ର ଯୋଗଦେଇଥିଲେ। ଜିଡିଏର ସମ୍ପାଦକ ଅଶୋକ ସାହୁ, ଯୁଗ୍ମ ସମ୍ପାଦକ (ବକ୍ସିଂ) କେ.ପ୍ରଭାକର ରାଓ, ରାଜ୍ୟ ବକ୍ସିଂ ରେଫରି ତଥା ସ୍ଥାନୀୟ କୋଚ ଶିବରାମ ପାତ୍ର, ଲଲୁ କିଶୋର ସାହୁ, ଅନ୍ତର୍ଜାତୀୟ ବକ୍ସର ମମତା ପଣ୍ଡା, ବରିଷ୍ଠ ବକ୍ସର ବୁଲୁ ପାତ୍ର, ବାବୁଲା ନାୟକ, ସୁମନ ଦାସ, ମୁନା ଗୌଡ, ଏନ.ମାଧବ, ବିପିନ ଗୌଡ, ସନ୍ତୋଷ ପାତ୍ର, ଆଦିତ୍ୟ ମହାନ୍ତି, ରିତା ରାଓ, ଏସ.ସାଇ ପ୍ରତାପ, ଜି, କାର୍ତ୍ତିକ, ୱାଇ ଯୋଗୀନନ୍ଦ, ଗଞ୍ଜାମ ଜିଲ୍ଲା ଆଥଲେଟିକ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ଅନ୍ତର୍ଜାତୀୟ ରେଫରି ଜଜ୍ ତଥା ସ୍ଥାନୀୟ କୋଚ ଶିଶିର କୁମାର ପାଣିଗ୍ରାହୀ ସହଯୋଗ କରିଥିଲେ। ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ଅତିଥି ଓ କୋଚଙ୍କ ଗହଣରେ ପ୍ରଶିକ୍ଷାର୍ଥୀ।

# ଇଭିଏମ୍ ବଦଳ ସନ୍ଦେହରେ ବ୍ୟାପକ ଭଙ୍ଗାରୁଜା

■ ବଡ଼ଚଣା ନିର୍ବାଚନମଣ୍ଡଳୀର ଇଭିଏମ୍ ବୋଝେଇ ଗାଡ଼ି ବାଟରେ ଅଟକିଲା

■ ପୋଲିସ ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ କଥା କଟାକଟି

କାଏମା,୨।୬(ଶିବପ୍ରସାଦ ମହାନ୍ତି):



ଅଶୋକ ଦାସ ଫାଉଣ୍ଡେଶନ କାର୍ଯ୍ୟାଳୟ ଭଙ୍ଗାଯାଇଛି।

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଇଭିଏମ ଅଦଳବଦଳ ସନ୍ଦେହରେ ଶତାଧିକ ଲୋକେ ବ୍ଲକ କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ସେହିପରି ରଥିଆ ଚକ ନିକଟରେ ବିଳମ୍ବିତ ରାତିରେ ବଡ଼ଚଣା ନିର୍ବାଚନମଣ୍ଡଳୀର ଇଭିଏମ୍ ଅଦଳବଦଳ ସନ୍ଦେହରେ ପୋଲିସ ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ କଥା କଟାକଟି ହୋଇଛି।

ଧର୍ମଶାଳାରେ ଶନିବାର ମତଦାନ ଶେଷ ପରେ ରାତି ପ୍ରାୟ ୮ଟାରେ ୨ ପୋଲିଂ ପାର୍ଟି ଗାଡ଼ି ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବା ବଦଳରେ ବ୍ଲକ କାର୍ଯ୍ୟାଳୟରେ ପ୍ରବେଶ କରିଥିଲା। ସ୍ୱାଧୀନ ପ୍ରାର୍ଥୀଙ୍କ ସମର୍ଥକମାନେ ପହଞ୍ଚି ଏଠାକୁ କାହିଁକି ଗାଡ଼ି ଅଣାଯାଇଛି ବୋଲି ପ୍ରଶ୍ନ କରିବା ସହ ପ୍ରତିବାଦ ଜଣାଇଥିଲେ। ଏହାପରେ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ ପହଞ୍ଚି ଗାଡ଼ିଗୁଡ଼ିକ ରିଜର୍ଭ ପୋଲିଂ ପାର୍ଟି ଗାଡ଼ି ବୋଲି ଜାଣିବା ପରେ ସେଠାରୁ ଚାଲି ଯାଇଥିଲେ। କିନ୍ତୁ ସେଠାରେ ଥିବା ଉତ୍ତ୍ୟକ୍ତ ଶତାଧିକ ଲୋକେ ଏହାକୁ ବୁଝି ନ ଥିଲେ। ଇଭିଏମ୍ ଅଦଳବଦଳ ସନ୍ଦେହ କରି ସେମାନେ ବ୍ଲକ ଅଫିସ ସମ୍ମୁଖରେ ଟାୟାର ଜାଳି ପ୍ରତିବାଦ କରିବା ସହ ନାରାବାଜି କରିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେସନ କାର୍ଯ୍ୟାଳୟର କାଚ ଭାଙ୍ଗିବା ସହ ଜଳ ଛତ୍ର ପାଇଁ କରାଯାଇଥିବା ଟେଣ୍ଟ ଓ ବ୍ଲକ ପରିସରରେ ଥିବା ମିଶନ ଶକ୍ତି କାର୍ଯ୍ୟାଳୟ, ପୋଲିସ ଗାଡି ଓ ଲକ୍ଷ୍ମୀ ବସ ଆଦିକୁ ଭାଙ୍ଗି ଦେଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାରୁ ପୋଲିସ ଲାଠିଚାର୍ଜ କରିଥିଲା। ଏହି ଘଟଣା ପରେ ରବିବାର ସୋସିଆଲ ମିଡିଆରେ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଦୁଃଖ ପ୍ରକାଶ କରିବା ସହ ପ୍ରଶାସନ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି।

ସେହିପରି ରାତିରେ ଏକ ଇଭିଏମ ବୋଝେଇ ଗାଡ଼ି ରଥିଆ ଛକ ନିକଟରେ ଛିଡ଼ା ହୋଇଥିବା ଦେଖି ଅଦଳବଦଳ ସନ୍ଦେହରେ ଲୋକେ ପୋଲିସକୁ ଖବର ଦେଇଥିଲେ। ଏହା ବଡ଼ଚଣା ନିର୍ବାଚନମଣ୍ଡଳୀର ଇଭିଏମ ବୋଲି ଜଣାପଡ଼ିବାରୁ ସେଠାରେ ଗଣ୍ଡଗୋଳ ପରିସ୍ଥିତି ଉପୁଜିଥିଲା। ଖବର ପାଇ ବଡ଼ଚଣା ଭାଜପା ବିଧାୟକ ପ୍ରାର୍ଥୀ ଅମର ନାୟକ ତାଙ୍କର କେତେଜଣ ସମର୍ଥକଙ୍କ ସହ ପହଞ୍ଚି କେଉଁ ଉଦ୍ଦେଶ୍ୟରେ ଏଠାରେ ଇଭିଏମ ବୋଝେଇ ଗାଡ଼ି ରଖାଯାଇଛି ବୋଲି କର୍ମଚାରୀମାନଙ୍କୁ ପଚାରିଥିଲେ। ହେଲେ କର୍ମଚାରୀମାନେ କୌଣସି ସନ୍ତୋଷ ଜନକ ଉତ୍ତର ନ ଦେବାରୁ ସେ ନିଜ ସମର୍ଥକଙ୍କ ସହିତ ଗାଡି ଅଟକ ରଖିଥିଲେ। ଘଟଣାସ୍ଥଳରେ ଧର୍ମଶାଳା ଓ ବଡ଼ଚଣା ଥାନା ଅଧିକାରୀ ପହଞ୍ଚିଥିଲେ। ଏହାକୁ ନେଇ ଉଭୟ ଥାନା ଅଧିକାରୀଙ୍କ ସହ ଅମରଙ୍କ କଥା କଟା କଟି ହୋଇଥିଲା। ଖବର ପାଇ ଯାଜପୁର ଜିଲାପାଳ ଓ ଏସପି ପହଞ୍ଚି ବୁଝାଶୁଝା କରିବା ପରେ ଭୋର ସମୟରେ ଗାଡ଼ି ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଯାଜପୁର ଟାଉନରେ ଥିବା ଷ୍ଟ୍ରଙ୍ଗ ରୁମ୍ ଅଭିମୁଖେ ଯାଇଥିଲା।





ଧର୍ମଶାଳାରେ ଲକ୍ଷ୍ମୀ ବସ୍, ଜଳଛତ୍ର ଟେଣ୍ଟ ଓ ପୋଲିସ ଗାଡ଼ିକୁ ଲୋକେ ଭଙ୍ଗାରୁଜା କରିଛନ୍ତି।

**ବାଇକ୍ ସହ କାର ମୁହାଁମୁହିଁ ଧକ୍କା**

## ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

ଡେରାବିଶ,୨।୬ (ବେବର୍ତ୍ତା ଅଜୟ ଦାସ):



ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ କାର୍।

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ଚାନ୍ଦୋଳ-ଗୋଲରାହାଟ ଗ୍ରାମର କଳାପୋଲ ନିକଟରେ ରବିବାର ରାତିରେ ବାଇକ୍ ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି । ତାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ମୃତକ ହେଲେ ଏହି ଥାନା ଅନ୍ତର୍ଗତ ବାଲିଆ ପଞ୍ଚାୟତ ଦରବୋଲ ଗ୍ରାମର ତପନ ଜେନା(୩୧) । ଆହତ ଉକ୍ତ ଗ୍ରାମର ବୁଲା ଜେନା (୩୦) । ତପନ ଓ ବୁଲା ଚାନ୍ଦୋଳ ଗୋଲରାହାଟ ରାସ୍ତାରେ ଚାନ୍ଦୋଳ ପଟୁ ତାଙ୍କ ଗ୍ରାମ ଦରବୋଲକୁ ଏକ ବାଇକ୍‌ରେ ଫେରୁଥିଲେ। ଡେରାବିଶ ପଟୁ ଆସୁଥିବା ଏକ କାର ସହିତ କଳାପୋଲ ନିକଟରେ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଉଭୟ ଗୁରୁତର ହୋଇଥିଲେ । ଲୋକମାନେ ଅଗ୍ନିଶମ କର୍ମଚାରୀଙ୍କ ଡକାଇ ଉଭୟଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଉଭୟଙ୍କ ଚିକିତ୍ସା ଚାଲିଥିବା ବେଳେ ତପନଙ୍କ ମୃତ୍ୟୁ ଘଟିଥିଲା।

## ଡେରାବିଶ ବ୍ଲକ୍‌ରେ ୭୨.୦୯ ପ୍ରତିଶତ ମତଦାନ

ଡେରାବିଶ,୨।୬(ବେବର୍ତ୍ତା ଅଜୟ ଦାସ)

ପାଟକୁରା ବିଧାନସଭା କ୍ଷେତ୍ରରେ ଶନିବାର ଅନୁଷ୍ଠିତ ହୋଇଥିଲା ଭୋଟଦାନ। ବିଧାସଭାକ୍ଷେତ୍ର ଅଧୀନରେ ଥିବା ଡେରାବିଶ ବ୍ଲକ ଅଞ୍ଚଳରେ ରାତି ୮ଟାଯାଏ ହୋଇଥିବା ମତଦାନରେ ୭୨.୦୯ ପ୍ରତିଶତ ମତଦାତା ସେମାନଙ୍କ ମତ ଅଧିକାର ସାବ୍ୟସ୍ତ କରିଛନ୍ତି। ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବା ଏହି ମତଦାନରେ ମହିଳା ଓ ପୁରୁଷ ଭୋଟରଙ୍କ ମଧ୍ୟରେ ଭୋଟଦାନ ପାଇଁ ଉତ୍ସାହ ଦେଖିବାକୁ ମିଳିଥିଲା। ସକାଳ ୭ଟାରୁ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଭୋଟର ଧାଡ଼ିରେ ଛିଡ଼ା ହୋଇ ନିଜ ଭୋଟ ଦେଇଥିଲେ । ମତଦାନ କେନ୍ଦ୍ରରେ ମହିଳା ଓ ଯୁବ ଭୋଟରଙ୍କ ସଂଖ୍ୟା ଅଧିକ ଥିବା ପରିଲକ୍ଷିତ ହୋଇଥିଲା। ଅସହ୍ୟ ଗୁଳୁଗୁଳି କାରଣରୁ ମଧ୍ୟାହ୍ନରୁ ଅପରାହ୍ନ ଯାଏ ପ୍ରତ୍ୟେକ ବୁଥରେ ଭୋଟରଙ୍କ ସଂଖ୍ୟା କମିଯାଇଥିଲା। ଅପରାହ୍ନରୁ ପୁନର୍ବାର ବିଭିନ୍ନ ମତଦାନ କେନ୍ଦ୍ରରେ ଭୋଟରଙ୍କ ଗହଳି ଲାଗି ରହିଥିଲା। ୨୬ ପଞ୍ଚାୟତକୁ ନେଇ ଗଠିତ ଡେରାବିଶ ବ୍ଲକ ଅଞ୍ଚଳରେ ସମୁଦାୟ ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୨୨ହଜାର ୭ଶହ ୨୯ ରହିଥିବା ବେଳେ ସେଥିମଧ୍ୟରୁ ମହିଳା ଭୋଟରଙ୍କ ସଂଖ୍ୟା ୫୯ ହଜାର ୭ଶହ ୫୫ ଓ ପୁରୁଷ ଭୋଟରଙ୍କ ସଂଖ୍ୟା ୬୩ ହଜାର ୩ ଶହ ୭୨ । ହେଲେ ସମୁଦାୟ ଭୋଟରଙ୍କ ମଧ୍ୟରୁ ୯୦ହଜାର ୭ଶହ ୫ଜଣ ଭୋଟର ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିଥିବା ସରକାରୀ ସୂତ୍ରରୁ ଜଣାଯାଇଛି। ମତଦାନ କରିଥିବା ଭୋଟରଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ୪୪ହଜାର ୮ଶହ ୩୪ ଏବଂ ପୁରୁଷ ଭୋଟରଙ୍କ ସଂଖ୍ୟା ୪୫ ହଜାର ୮ଶହ ୭୧ ରହିଛି। ଭୋଟର ୧୪୬ଟି ବୁଥରେ ସେମାନଙ୍କ ଭୋଟଦାନ କରିଥିଲେ।

ସେଲ୍‌ଫି କର୍ନରର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦିଲୀପ


@ କାହ୍ନା



@ ସୀମା।

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ବିଞ୍ଝାରପୁର,୨।୬(ରାମକୃଷ୍ଣ ଦାସ):

ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ ଚିଣା ଗ୍ରାମର ଟୁଙ୍ଗୁରା ମଲ୍ଲିକ ଯୁବତୀଙ୍କୁ ବଳାତ୍କାର କରିଥିବା ତାଙ୍କ ମା' ଅଭିଯୋଗ କରିଛନ୍ତି। ଯୁବତୀ ଶନିବାର ଅପରାହ୍ନରେ ଘର ନିକଟ ବିଲକୁ ଶୌଚ ହେବାକୁ ଯାଇଥିଲାବେଳେ ସେଠାରେ ଟୁଙ୍ଗୁରା ପହଞ୍ଚି ତାଙ୍କୁ ବଳାତ୍କାର କରିଥିଲେ। ଏହି ଘଟଣାକୁ ସ୍ଥାନୀୟ ଲୋକେ ଦେଖି ଦେବାରୁ ଟୁଙ୍ଗୁରା ଦୌଡ଼ି ପଳାଇଥିଲେ ବୋଲି ପୀଡ଼ିତାଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଏକ ମାମଲା ନଂ.୩୨୦।୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ୩ ଅଭିଯୁକ୍ତ ଅଟକ, ବ୍ୟବହୃତ ବାଇକ୍ ଜବତ

**ଗୌଡ଼ ଗାଁରେ ଗାଡ଼ି ବାଡେଇ ବୃଦ୍ଧଙ୍କୁ ହତ୍ୟା ଘଟଣା**

ପାଟକୁରା,୨।୬(ରବୀନ୍ଦ୍ର ନାଥ ବାରିକ)

ଶନିବାର ଅପରାହ୍ନ ପ୍ରାୟ ୫ଟା ସମୟରେ କୁଦାନଗରୀ ଥାନା ଅଧୀନ ମାର୍ଶାଘାଇ ବ୍ଲକ ଯମପଡା ଗ୍ରାମ ପଞ୍ଚାୟତ ଗୌଡ଼ ଗାଁର ପୁରୁଷୋତ୍ତମ ସ୍ୱାଇଁ (୭୫)ଙ୍କ ବାଇକ୍ ଧକ୍କାରେ ମୃତ୍ୟ ଘଟିଥିଲା। ପୁରୁଷୋତ୍ତମ ଘରପାଖ ଦାଣ୍ଡରେ ଘାସ ବାଛୁଥିବା ବେଳେ ଯମପଡା ଗ୍ରାମର ଅମର ପରିଡ଼ା ନିଜ ବାଇକ୍‌ରେ ପ୍ରକାଶ ପରିଡା ଓ ପୃଥ୍ୱୀରାଜ ପରିଡାଙ୍କୁ ବସାଇ ଯାଉଥିଲେ । ଗାଡ଼ିଟି ଭାରସାମ୍ୟ ହରାଇ ଘାସ ବାଛୁଥିବା ପୁରୁଷୋତ୍ତମଙ୍କ ଉପରେ ଚଢି ଯାଇଥିଲା । ଏଥିରେ ବାଇକ୍‌ରେ ଥିବା ୩ ଯୁବକ ତଳେ ପଡିଯାଇଥିଲେ। ଏଥିରେ ପୁରୁଷୋତ୍ତମ ଗୁରୁତର ହୋଇଥିବା ବେଳେ ଅମରଙ୍କ ମୁଣ୍ଡ ଫାଟିଯାଇଥିଲା। ସେମାନଙ୍କୁ ତୁରନ୍ତ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ପୁରୁଷୋତ୍ତମଙ୍କୁ ମୃତ ଘୋଷଣା କରିଥିଲେ। ହେଲେ ପୁରୁଷୋତ୍ତମଙ୍କୁ ଗାଡି ବାଡେଇ ହତ୍ୟା କରାଯାଇଛି ବୋଲି ତାଙ୍କ ପୁଅ କୁଞ୍ଜବନ କୁଦାନଗରୀ ଥାନାରେ ରବିବାର ଲିଖିତ ଅଭିଯୋଗ କରିଛନ୍ତି। ଥାନା ଭାରପ୍ରାପ୍ତ ଅଧିକାରୀ ଅମ୍ବିକା ପ୍ରସାଦ ଦାସ ସେହି ଅଭିଯୋଗକୁ ଭିତ୍ତି କରି ଭାରତୀୟ ଦଣ୍ଡବିଧି ଆଇନର ୩୦୨ ଦଫାରେ ଏକ ମାମଲା(ନଂ.୧୬୯/୨୪)ରୁଜୁ କରି ତଦନ୍ତ ଜାରି ରଖିଛି । ପୋଲିସ ଉକ୍ତ ଘଟଣାରେ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବା ସହ ୩ଜଣଙ୍କୁ ଅଟକ ରଖିଛି ।

# ଆଳି ସଂସିଧାରେ ନିର୍ବାଚନ ପରବର୍ତ୍ତୀ ହିଂସା






ଆହତ ହୋଇଥିବା ବ୍ୟକ୍ତିମାନେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

■ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବାରୁ ଆକ୍ରମଣ ଅଭିଯୋଗ

■ ଦୁଇ ପରିବାରର ୭ ଆହତ, ୨ ଗୁରୁତର

ଆଳି,୨।୬(ବନମାଳୀ ସେନାପତି):

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ଗତ ଶନିବାର ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଥିଲା । ହେଲେ ରବିବାର ଆଳି ଥାନା ଅନ୍ତର୍ଗତ ସଂସିଧା ଠାକୁରପାଟଣା ଗ୍ରାମରେ ନିର୍ବାଚନ ପରବର୍ତ୍ତୀ ହିଂସା ଗୁରୁତର ରୂପ ନେଇଛି। ଗୋଟିଏ ପରିବାର ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ଭୋଟ ଦେବାରୁ ପଡୋଶୀ ସେହି ପରିବାର ସଦସ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଆଳି ଥାନାରେ ଅଭିଯୋଗ ହୋଇଛି । ଅପରପକ୍ଷେ ଏହି ଘଟଣା ରାଜନୈତିକ ବିବାଦ ନୁହେଁ ଏହା ପାରିବାରିକ ଶତ୍ରୁତାରୁ ହୋଇଥିବା ଅନ୍ୟ ଏକ ଅଭିଯୋଗ ଆଳି ଥାନାରେ ହୋଇଛି । ଏହି ଘଟଣାରେ ୭ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଅଛି ।

ଆଳି ଥାନାରେ ପ୍ରଫୁଲ୍ଲ ପାଣ୍ଡବ କରିଥିବା ଅଭିଯୋଗ ଅନୁଯାୟୀ, ଗତ ଶନିବାର ସେ ଓ ତାଙ୍କ ପରିବାର ସଦସ୍ୟମାନେ ଏକ ରାଜନୈତିକ ଦଳକୁ ଭୋଟ ଦେବାରୁ ଅନ୍ୟ ଦଳ ସହିତ ଜଡିତ ଥିବା ତାଙ୍କ ପଡ଼ୋଶୀ ଅଲେଖ ପାଣ୍ଡବ ଓ ତାଙ୍କ ପୁଅ ମିହିର ପାଣ୍ଡବ ଉତ୍ତ୍ୟକ୍ତ ହୋଇ ମୋ ପୁଅ ଜିତେନ୍ଦ୍ରଙ୍କ ସହିତ ଯୁକ୍ତିତର୍କ କରିଥିଲେ । ଏହି ସମୟରେ ମୁଁ ଶୌଚ ହୋଇ ଆସୁଥିଲି । ଉଭୟଙ୍କୁ ବୁଝାଶୁଝା କରିଥିଲି । ହେଲେ ମିହିର ଓ ଅଲେଖ ମିଳିତ ଭାବେ ମୋ ମୁଣ୍ଡକୁ ଏକ ଲୁହା ରଡ଼ରେ ଆକ୍ରମଣ କରିଥିଲେ। କେବଳ ସେତିକିରେ ସେମାନେ ଶାନ୍ତ ପଡି ନ ଥିଲେ । ସେମାନେ ମୋ ସ୍ତ୍ରୀ ବୈଦେୟୀବାଳା(୬୫), ପୁଅ ଜିତେନ୍ଦ୍ର (୪୫), ବୋହୂ ରଶ୍ମିତା (୩୮) ଓ ନାତି ଅଭିମନ୍ୟୁ(୧୪)ଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ପ୍ରଫୁଲ୍ଲ ଓ ଜିତେନ୍ଦ୍ରଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ଉଭୟଙ୍କୁ କେନ୍ଦ୍ରାପଡ଼ା ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ପ୍ରଫୁଲ୍ଲ ଓ ତାଙ୍କ ପୁଅ ଜିତେନ୍ଦ୍ରଙ୍କ ଆକ୍ରମଣରେ ଅଲେଖ ଓ ତାଙ୍କ ପୁଅ ମିହିର ଆହତ ହୋଇଥିବା ଅଭିଯୋଗ କରିଛନ୍ତି ପଡ଼ୋଶୀ ପରିବାର । ଏହି ଘଟଣା ଜମିଜମା ଓ ପାରିବାରିକ ଶତ୍ରୁତାକୁ କେନ୍ଦ୍ର କରି ହୋଇଥିବା ଅଲେଖ କହିଛନ୍ତି । ଏ ସଂକ୍ରାନ୍ତରେ ପୋଲିସ ପୃଥକ୍ ପୃଥକ୍ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଅଶାନ୍ତ ରାଜକନିକା, ୨ ପ୍ଲାଟୁନ ଫୋର୍ସ ମୁତୟନ

### ୧୦ ଆହତ, ୫ଜଣଙ୍କୁ କଟକ ସ୍ଥାନାନ୍ତର

ରାଜକନିକା,୨।୬(ସଞ୍ଜୟ କୁମାର ଦାଶ):

ନିର୍ବାଚନକୁ ୨୪ଘଣ୍ଟା ନ ପୂରୁଣୁ କେନ୍ଦ୍ରାପଡ଼ା ଜିଲା ରାଜକନିକାରେ ଦେଖାଦେଇଛି ନିର୍ବାଚନୀ ପରବର୍ତ୍ତୀ ହିଂସା। ରାଜକନିକା ବ୍ଲକର ଅଶୋକ ବଜାରଠାରେ ରବିବାର ଅପରାହ୍ନ ପ୍ରାୟ ୫ଟା ସମୟରେ ବିଜେଡି ଓ କଂଗ୍ରେସ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୧୦ ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ୫ ଜଣଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପୋଲିସ ପକ୍ଷରୁ ଉତ୍ତେଜନାକୁ ନଜର ରଖି ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ହେଲେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଏତଲା ହୋଇ ନ ଥିବା ଥାନା ଅଧିକାରୀ ଦିଲୀପ କୁମାର ଧଳ ସୂଚନା ଦେଇଛନ୍ତି ।

# ଭୋଟ ଗଣତି ପାଇଁ ନୟାଗଡ଼ରେ ୧୪୪ ଧାରା ଜାରି

ନୟାଗଡ଼,୨।୬(ଲୋକନାଥ ମିଶ୍ର)

ଜୁନ୍ ୪ରେ ହେବାକୁ ଥିବା ଭୋଟଗଣତିକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ନୟାଗଡ଼ ଜିଲାରେ ୧୪୪ ଧାରା ଜାରି କରାଯିବ। ଜୁନ୍ ୪ ସକାଳ ୬ଟାରୁ ୫ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ୧୪୪ ଧାରା ଜାରି ହେବ ବୋଲି ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି । ୧୪୪ ଧାରା ଜାରି ସମୟରେ ଜିଲାର ସବୁ ଦୋକାନ ବଜାର ଖୋଲା ରହିବ । ତେବେ କୌଣସି ସ୍ଥାନରେ ୫ଜଣରୁ ଊର୍ଦ୍ଧ୍ୱ ଲୋକ ଏକାଠି ହୋଇ ପାରିବେ ନାହିଁ କି ସମାବେଶ, ସମ୍ମିଳନୀ କରାଯାଇପାରିବ ନାହିଁ। ଡାକବାଜି ଯନ୍ତ୍ର ବ୍ୟବହାରକୁ ବାରଣ କରାଯାଇଛି। ସଭା ସମିତିକୁ ମନା କରାଯାଇଛି । ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୨୦୦ ମିଟର ମଧ୍ୟରେ କୌଣସି ଯାନବାହାନ ରଖାଯାଇ ପାରିବ ନାହିଁ । ଜିଲାପ୍ରଶାସନର ନିର୍ଦ୍ଦେଶକୁ ଅଣଦେଖା କଲେ ଆଇପିସି ଧାରା ୧୮୮ ଅନୁସାରେ ଦଣ୍ଡ ଭୋଗିବାକୁ ପଡିବ ବୋଲି ଜିଲାପାଳ ସ୍ୱାଧାଦେବ ସିଂ ସୂଚନା ଦେଇଛନ୍ତି ।

ଜିଲାରେ ୧୪୪ ଧାରା ଜାରି ନେଇ ଜିଲାପାଳଙ୍କ ସ୍ୱାକ୍ଷରରେ ଚିଠି ନଂ ୩୫୪୪/୧।୬।୨୦୨୪ରେ ବିଜ୍ଞପ୍ତି ପ୍ରକାଶ ପାଇଛି । ସାଧାରଣ ନିର୍ବାଚନ ପାଇଁ ଗତ ମେ ମାସ ୨୫ ତାରିଖ ମତଦାନ ପରେ ସେଦିନ ସନ୍ଧ୍ୟା ୬ଟାରୁ ୨୬ ତାରିଖ ରବିବାର ସନ୍ଧ୍ୟା ୬ଟାପର୍ଯ୍ୟନ୍ତ ନୟାଗଡ ସହର ସମେତ ଜିଲାସାରା ୧୪୪ ଧାରା ଜାରି ହୋଇଥିଲା । ନୟାଗଡ ମ୍ୟୁନିସିପାଲିଟି ପକ୍ଷରୁ ୨୫ ତାରିଖ ସନ୍ଧ୍ୟାରେ ଦୋକାନ ବଜାର ବନ୍ଦ କରିବାକୁ ପ୍ରଚାର ପରେ ଦୋକାନ ବଜାର ବନ୍ଦ ରହିଥିଲା । ସେହିପରି ପୋଲିସ ପକ୍ଷରୁ ଦୋକାନଗୁଡିକ ବନ୍ଦ କରାଯାଇଥିଲା । ନୟାଗଡ଼ ସହରର ଦୋକାନଗୁଡିକ ମତଦାନ ପାଇଁ ୨୫ ତାରିଖ ସକାଳେ ବନ୍ଦ ରହିଥିଲାବେଳେ ଅପରାହ୍ନରେ ପ୍ରଶାସନ ପକ୍ଷରୁ ୧୪୪ ଜାରି ପରେ ବନ୍ଦ କରାଯାଇଥିଲା । ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ ମଧ୍ୟ ଦୋକାନ ବଜାର ବନ୍ଦ କରିବା ପରେ ୧୪୪ ଧାରା ପ୍ରଭାବ ଅନୁଭୂତ ହୋଇଥିଲା । ହେଲେ ଗତ ମେ ୨୬ ତାରିଖ ଦୋକାନ ବଜାର ବନ୍ଦ ରହିବ କି ନାହିଁ ସେ ନେଇ ଜିଲା ପ୍ରଶାସନ, ପୌର ପ୍ରଶାସନ, ବ୍ଲକ ପ୍ରଶାସନ ଏପରି କି ପୋଲିସ ଚୁପ ରହିଥିଲା । ଏଣୁ ଗତ ମେ ୨୬ ତାରିଖ ଦୋକାନ ବଜାର ବନ୍ଦ ରହିବା ପରେ ସାଧାରଣ ଲୋକ ହଇରାଣର ସମ୍ମୁଖୀନ ହୋଇଥିଲେ । ଏପରି କି ୧୪୪ ଧାରାରେ ଦୋକାନ ବଜାର ବନ୍ଦ କାହିଁକି କରାଯାଉଛି ପ୍ରତିବାଦ ଉଠିଥିଲା । ଦୋକାନ ବଜାର ବନ୍ଦ ପରେ ଗତ ମେ ୨୬ ତାରିଖରେ ଦୋକାନ ବଜାର ଖୋଲିବାକୁ ପ୍ରଶାସନ ବିଳମ୍ବରେ ସୂଚନା ଦେଇଥିଲେ ହେଁ ତାହା ସାଧାରଣରେ ଉପଲବ୍ଧି ହୋଇ ପାରିଲା ନାହିଁ । ଏଣୁ ଭୋଟ ଗଣତି ଦିନ ୧୪୪ ଧାରା ଜାରି ହେଲେ ଦୋକାନ ବଜାର ବନ୍ଦ ରହିବ କି ନା, ୧୪୪ ଧାରା କିପରି ଲାଗୁ ହେବ ସେନେଇ ସାଧାରଣ ଲୋକ ପ୍ରଶାସନର ନିଷ୍ପତ୍ତିକୁ ଅପେକ୍ଷା କରି ରହିଛନ୍ତି । ୧୪୪ ଧାରା ଜାରି ନେଇ ଏସ୍‌ପି ରାହୁଲ ଜୈନ କୁହନ୍ତି ଜୁନ ୪ ତାରିଖ ସକାଳ ୬ଟାରୁ ୫ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ୧୪୪ ଧାରା ଜାରି ରହିବ । ୧୪୪ ଧାରା ଜାରି ସମୟରେ ଜିଲାର ସବୁ ଦୋକାନ ବଜାର ଖୋଲା ରହିବ । ୫ଜଣରୁ ଊର୍ଦ୍ଧ୍ୱ ଲୋକ ଏକାଠି ହୋଇ ପାରିବେ ନାହିଁ । ଡାକବାଜି ଯନ୍ତ୍ର ବ୍ୟବହାର ଓ ସଭା ସଭା ସମିତିକୁ ମଧ ବାରଣ କରାଯାଇଛି । ମତଦାନ ପରେ ୧୪୪ ଧାରା ଜାରି ପରେ ଦୋକାନ ବଜାର ବନ୍ଦ ରହିଥିଲା । ଆମେ ଏହାକୁ ସଂଶୋଧନ କରିଥିଲୁ । ତେବେ ଭୋଟ ଗଣତି ଦିନ ଏପରି ଅସୁବିଧା ହେବନି ବୋଲି ଏସ୍‌ପି କହିଛନ୍ତି ।

- ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଜିଲାପାଳଙ୍କ ପଦକ୍ଷେପ
- ଖୋଲିବ ଦୋକାନ ବଜାର, ଡାକବାଜି ଯନ୍ତ୍ର ମନା
- ସଭା ସମିତି ଓ ସମାବେଶ ଉପରେ କଟକଣା

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସିମା



@ ଦିଲୀପ



@ କାହ୍ନା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜିଠୁ ଅଙ୍ଗନୱାଡି କେନ୍ଦ୍ର ଛୁଟି

## ଶିଶୁଙ୍କୁ ଶୁଖିଲା ଖାଦ୍ୟ ବଣ୍ଟାଯିବ

ନୟାଗଡ,୨।୬(ଲୋକନାଥ ମିଶ୍ର)

ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ସରକାର ଚଳିତ ମାସ ୩ରୁ ଅଙ୍ଗନୱାଡି କେନ୍ଦ୍ର ଛୁଟି ଘୋଷଣା କରିଛନ୍ତି । ୭ ତାରିଖ ପର୍ଯ୍ୟନ୍ତ ଶିଶୁ କେନ୍ଦ୍ରକୁ ଆସିବେନି। ତେବେ ଶିଶୁଙ୍କ ପାଇଁ ଶୁଖିଲା ଖାଦ୍ୟ ଘରକୁ ପଠାଯିବ ବୋଲି ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷେ ପାଣିପାଗକୁ ଲକ୍ଷ୍ୟ କରି ୭ ତାରିଖ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି । ଏନେଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଭାଗୀୟ ସେକ୍ରେଟାରୀ ଜନ୍ମେଜୟ ସାହୁ ଚିଠି ନଂ ୧୨୨୭୩, ୨।୬।୨୦୨୪ରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ପ୍ରକାଶଯେ ସ୍କୁଲ, କଲେଜ ଛୁଟି ଥିବାବେଳେ ଅଙ୍ଗନୱାଡି କେନ୍ଦ୍ରରେ ପାଠପଢ଼ା ଚାଲିଥିଲା । କେନ୍ଦ୍ର ଗୁଡିକ ସକାଳ ୬ରୁ ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ଚାଲୁଥିଲା । ଅଙ୍ଗନୱାଡି କେନ୍ଦ୍ର ଛୁଟି କରିବା ନେଇ ଭାରତ ବିକାଶ ପରିଷଦର ନୟାଗଡ଼ ଜିଲା ଶାଖା ପକ୍ଷରୁ ଉପସଭାପତି ନିରଞ୍ଜନ ଦାସ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଫେରାଦ ହେବା ପରେ ସରକାରୀସ୍ତରରେ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି ।



ଅଙ୍ଗନୱାଡି କେନ୍ଦ୍ରରେ ପିଲାମାନେ ପ୍ରାର୍ଥନା କରୁଛନ୍ତି।

# ବରିଷ୍ଠ ନାଗରିକମାନଙ୍କ ସହ ଆଲୋଚନା କଲେ ଏସ୍‌ପି



ଏସ୍‌ପି ଦଶପଲ୍ଲାର ବରିଷ୍ଠ ନାଗରିକମାନଙ୍କ ସହ ଆଲୋଚନା କରୁଛନ୍ତି।

ଦଶପଲ୍ଲା,୨।୬(ପ୍ରକାଶ କୁମାର ପାଣି)

ରବିବାର ନୟାଗଡ଼ ଏସ୍‌ପି ରାହୁଲ ଜୈନ ଦଶପଲ୍ଲା ଏନ୍‌ଏସି ଅଧୀନ ସାତ ପାଟଣାର ଅର୍ଘାତିଆ ପାଟଣା ଗ୍ରାମରେ ପହଞ୍ଚି ବରିଷ୍ଠ ନାଗରିକମାନଙ୍କ ସହ ଆଲୋଚନା କରିଛନ୍ତି । ଗତ ଶୁକ୍ରବାର ନୟାଗଡ଼ ଠାରେ ହୋଇଥିବା ଜିଲାସ୍ତରୀୟ ବରିଷ୍ଠ ନାଗରିକଙ୍କ ସଭାରେ ସେ ଅନୁଷ୍ଠାନର ସଭାପତି ପ୍ରାଣକୃଷ୍ଣ ବେହେରାଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଦଶପଲ୍ଲା ଆସିଥିବା କହିଛନ୍ତି । ବରିଷ୍ଠ ନାଗରିକମାନଙ୍କ ପାଇଁ ପ୍ରତି ଥାନାରେ ଗୋଟିଏ ଲେଖାଏ ହେଲ୍ପ ଡେସ୍କ ଖୁବ୍‌ଶୀଘ୍ର ଖୋଲିବା ପାଇଁ ସ୍ଥାନୀୟ ଆଇଆଇସି ମୁକେଶ କୁମାର ବେହେରାଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟସେବା ପାଇଁ ସ୍ୱାସ୍ଥ୍ୟ ଶିବିର କରିବା ପାଇଁ ଜିଲାସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରିବାକୁ କହିଥିଲେ । ଭୋଟ ଗଣତିର ପରବର୍ତ୍ତୀ ଅବସ୍ଥାରେ ଯେପରି ଶାନ୍ତିଶୃଙ୍ଖଳା ବଜାୟ ରହିବ ସେଥିଲାଗି ସମସ୍ତଙ୍କୁ ନିବେଦନ କରିଥିଲେ। ଆଜି ଅଧିକାଂଶ ଯୁବଗୋଷ୍ଠୀ ନିଶାଦ୍ରବ୍ୟ ବ୍ୟବହାର କରି ଗାଡ଼ି ଚଳାଉଛନ୍ତି । ଏହାଦ୍ୱାରା ବହୁ ଧନ ଜୀବନ କ୍ଷତି ହେଉଛି । ନିଶା ସେବନ କରି ଗାଡ଼ି ନ ଚଳାଇବାକୁ ସେ ଅନୁରୋଧ କରିଥିଲେ। ବରିଷ୍ଠ ନାଗରିକ ଡ଼ା. ପ୍ରଫୁଲ୍ଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏସ୍‌ପି ଏହି ଅବସରରେ ସାଧାରଣ ଲୋକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ନୟାଗଡ଼ ଫେରିଥିଲେ ।

# ବରଗୁଡ଼ି ପାହାଡ଼ରୁ ହିଟାଚି ମେଶିନ ଜବତ୍

ଖଣ୍ଡପଡ଼ା,୨।୬(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍‌ର ବଡ଼ବାଣପୁର ପଞ୍ଚାୟତ ଅଧୀନ ଘଣାଶାଳିଆ ଗ୍ରାମ ନିକଟସ୍ଥ ବରଗୁଡ଼ି ପାହାଡ଼ରେ ପଥର ବ୍ଲାଷ୍ଟିଂ କରି ଆଖପାଖ ଅଞ୍ଚଳକୁ ଚୋରା ଚାଲାଣ କରାଯାଉଛି । ଏ ନେଇ ସ୍ଥାନୀୟ ବାସିନ୍ଦା ଏକାଧିକ ଥର ଜିଲା ଓ ତହସିଲ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଖଣ୍ଡପଡ଼ା ତହସିଲ ପକ୍ଷରୁ ସେଠାରେ ଅଚାନକ ଚଢାଉ କରାଯାଇ ବରଗୁଡ଼ି ପାହାଡ଼ ନିକଟରୁ ଏକ ହିଟାଚି ମେଶିନକୁ ଜବତ୍ କରାଯାଇଛି । ବରଗୁଡ଼ି ପାହାଡ଼ରେ ବେଆଇନ୍ ଭାବେ ଚାଲିଥିବା ଖାଦାନକୁ ତୁରନ୍ତ ବନ୍ଦ କରିବା ପାଇଁ ବାଣପୁର ପଞ୍ଚାୟତବାସୀ ଦାବି କରିଛନ୍ତି। ଏଥିପ୍ରତି ନୟାଗଡ଼ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି। ଚଢାଉ ଅଭିଯାନରେ ଖଣ୍ଡପଡ଼ା ତହସିଲଦାର ଧୋବେଇ ନାଏକ, କଣ୍ଟିଲୋ ରାଜସ୍ୱ ନୀରିକ୍ଷକ ଓ କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ପ୍ରମୁଖ ସଦଳବଳେ ସାମିଲ୍ ହୋଇଥିଲେ।



ଜବତ ହୋଇଥିବା ହିଟାଚି ମେଶିନ।

# ପୋଖରୀରେ ବୁଡ଼ି ଜଣେ ମୃତ

ଦଶପଲ୍ଲା,୨।୬(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସିମିଳିସାହି ପଞ୍ଚାୟତ ବରଡିହ ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବିନ ଜାନୀ (୪୫) । ସେ ରବିବାର ସକାଳେ ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇଥିଲେ । ତାଙ୍କ ଗୋଡ଼ ଖସି ଯିବାରୁ ପୋଖରୀରେ ବୁଡି ପ୍ରାଣ ହରାଇଥିଲେ। ତାଙ୍କୁ ପୋଖରୀରୁ ଉଦ୍ଧାର କରାଯାଇ ଦଶପଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା । ଦଶପଲ୍ଲା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# ଦୋକାନ ଭାଙ୍ଗି ସାମଗ୍ରୀ, ଟଙ୍କା ଲୁଟି ନେଲେ ଦୁର୍ବୃତ୍ତ

ଓଡ଼ଗାଁ,୨।୬(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୁରାଳ ଚଣ୍ଡୀଛକ ଫାଣ୍ଡି ନିକଟରେ ଥିବା ଏକ ଫାଷ୍ଟଫୁଡ୍ ଦୋକାନ ଓ ଏକ ପାନ ଦୋକାନକୁ ଶନିବାର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଭଙ୍ଗାରୁଜା କରିବା ସହିତ ବିଭିନ୍ନ ସାମଗ୍ରୀ ଲୁଟିନେଇଥିବା ଅଭିଯୋଗ ହୋଇଛି। ଓଡ଼ଗାଁ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କୁରାଳ ଗୋଲାସାହିର ସନ୍ତୋଷ କୁମାର ପାତ୍ର ଚଣ୍ଡୀଛକ ଫାଣ୍ଡି ନିକଟରେ ଫାଷ୍ଟଫୁଡ୍ ସହିତ ଏକ ପାନଦୋକାନ କରି ନିଜର ଜୀବିକା ନିର୍ବାହ କରୁଥିଲେ। ସବୁଦିନ ଭଳି ଶନିବାର ରାତିରେ ଦୋକାନ ବନ୍ଦକରି ଘରକୁ ଆସିଥିଲେ। ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଉଭୟ ଦୋକାନ ଭଙ୍ଗାରୁଜା କରିବା ସହିତ ୨ ଗ୍ୟାସ ସିଲିଣ୍ଡର,୩ଟି ରସ ଡେକ୍ଚି ସହିତ ବିକ୍ରିପାଇଁ ରଖିଥିବା ବିଭିନ୍ନ ସାମଗ୍ରୀ ଓ ରଖାଯାଇଥିବା ୨୮୦୦ ଟଙ୍କା ଚୋରି କରି ନେଇଥିବା ରବିବାର ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ସେହିଭଳି ସେଦିନ ରାତିରେ ନିକଟରେ ଥିବା ଏକ ଠେଲାଗାଡ଼ି(ଜଳଖିଆ)ଦୋକାନକୁ ମଧ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଥିଲେ । ଆଦର୍ଶ ଥାନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପକ୍ଷେ ନିକଟରେ ପଞ୍ଚାୟତ ସିସିଟିଭି କ୍ୟାମେରା ଥିବାରୁ କୌଣସି ଦୁର୍ବୃତ୍ତ ରାଜନୈତିକ ଆକ୍ରୋଶ ରଖି ଚୋରି କରିଥିବା ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି ।

# ଭାଜପା ନେତାଙ୍କ ଆରୋଗ୍ୟ କାମନା କରି ପ୍ରଦୀପ ପ୍ରଜ୍ୱଳନ

ଖଣ୍ଡପଡ଼ା,୨।୬
(ଅଜୟ କୁମାର ମହାରଣା)

ରାଜ୍ୟ ଯୁବମୋର୍ଚ୍ଚା ଭାଜପା ସଭାପତି ତଥା ଭାପୁର ବ୍ଲକ୍ ଅଧୀନ ପଥରଚକଡା ପଞ୍ଚାୟତ ବାସିନ୍ଦା ଅଭିଳାଷ ପଣ୍ଡା ନିର୍ବାଚନ ପ୍ରଚାର କାର୍ଯ୍ୟ ସାରି ଫେରୁଥିବା ବେଳେ ବିଜେଡି କର୍ମୀମାନଙ୍କ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । ଖଣ୍ଡପଡ଼ା ଅଞ୍ଚଳର ଯୁବକମାନେ କଣ୍ଟିଲୋ ନୀଳମାଧବଙ୍କ ମନ୍ଦିରରେ ରବିବାର ସନ୍ଧ୍ୟାରେ ପ୍ରଦୀପ ପ୍ରଜ୍ୱଳନ କରି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିତେନ୍ଦ୍ର କୁମାର କାଟିଆ, ପରମେଶ୍ୱର ମହାନ୍ତି, ଅରୁଣ ନାୟକ, ସୁଶାନ୍ତ ମିଶ୍ର, ରଞ୍ଜନ ଜେନା, କିଶୋର ରାଉତ, ସିଲୁ ବେହେରାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଯୁବକ ସାମିଲ୍ ହୋଇଥିଲେ।



ଭାଜପା ନେତାଙ୍କ ପାଇଁ କର୍ମୀମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

# ଭୋଟ ଗଣନାକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବାକୁ ଗୁରୁତ୍ୱ

ନୟାଗଡ଼,୨।୬(ଲୋକନାଥ ମିଶ୍ର)

ମତଦାନ ପରି ଭୋଟ ଗଣତିକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବାକୁ ନୟାଗଡ଼ ଏସ୍‌ପି ଗୁରୁତ୍ୱାରୋପ କରିଛନ୍ତି । ରବିବାର ଜିଲା ପୋଲିସ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଜିଲାବାସୀଙ୍କ ସହଯୋଗ ଲୋଡିଛନ୍ତି । ନୟାଗଡ଼ ପୋଲିସ ଜିଲାରେ ଶାନ୍ତି ଓ ଶୃଙ୍ଖଳା ରକ୍ଷା ପାଇଁ ଗାଁ ଓ ସହର ପରିକ୍ରମା କରି ଭାଇଚାରା ସୃଷ୍ଟି କରିବାକୁ ଉଦ୍ୟମ କରୁଛି । ଏପରିକି ଜିଲା ପୋଲିସ ଲୋକାଭିମୁଖୀ ହୋଇ ଲୋକଙ୍କୁ ଶାନ୍ତିରେ ରହିବାକୁ ପରାମର୍ଶ ଦେଇ ଚାଲିଛି ବୋଲି ଏସ୍‌ପି ରାହୁଲ ଜୈନ କହିଛନ୍ତି ।



ଖବରଦାତା ସମ୍ମିଳନୀରେ ଏସ୍‌ପି ଏବଂ ଅନ୍ୟମାନେ।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଜିଲାର ରଣପୁର, ନୟାଗଡ଼, ଦଶପଲ୍ଲା ଓ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଶାନ୍ତିରେ ମତଦାନ ଶେଷ ହୋଇଛି । କୌଣସି ସ୍ଥାନରେ ରାଜନୈତିକ ହିଂସାକାଣ୍ଡ ଘଟି ନାହିଁ । ପ୍ରତ୍ୟେକ ଥାନା ଓ ଫାଣ୍ଡି ପକ୍ଷରୁ ପାଟ୍ରୋଲିଂ କରାଯିବା ସହ ବିଭିନ୍ନ ସମୟରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି । ଗାଁ ଓ ସହରର ପ୍ରତି ୱାର୍ଡକୁ ପୋଲିସ ପହଞ୍ଚି ସଭା ଓ ବୈଠକ କରାଉଛି । ଲୋକମାନେ କିପରି ଖୁସିରେ ଚଳିବେ ସେନେଇ ପ୍ରସ୍ତାବ ଦେଉଛି । କ'ଣ କରାଗଲେ ଲୋକମାନେ ଖୁସରେ ରହିବେ ସେନେଇ ପରାମର୍ଶ ଲୋକଙ୍କ ଲୋଡା ଯାଉଛି । ପୋଲିସ କିପରି ଲୋକଙ୍କ ବନ୍ଧୁ ହୋଇ ରହିବ ସେ ନେଇ ମଧ ଲୋକଙ୍କର ପରାମର୍ଶ ଲୋଡା ଯାଉଛି । ସେହିପରି ବିଭନ୍ନ ଅପରାଧରେ ସଂପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି । ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମାଦକ ଦ୍ରବ୍ୟ ଓ ନିଶା ସାମଗ୍ରୀ ଜବତ କରାଯିବ ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉଛି । ଗୋଷ୍ଠୀ ସଂଘର୍ଷ, ବିବାଦୀୟ ଗାଁରେ ମଧ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ହିଂସାରୁ ଦୂରେଇ ରଖିବାକୁ ପରାମର୍ଶ ଦେଉଛି । ଅପରପକ୍ଷେ କ'ଣ କରାଗଲେ ଜିଲାବାସୀ ଖୁସିରେ ରହିବେ, ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଭଲ ରହିବ ସେନେଇ ଗଣମାଧ୍ୟମର ପ୍ରତିନିଧିମାନଙ୍କର ସେ ପରାମର୍ଶ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା ଓ ଡିଆଇବି ଡିଏସ୍‌ପି ଦିନେଶ ନାୟକ ଉପସ୍ଥିତ ଥିଲେ ।

**ଡିଜେ ବାଜିବନି, ବାଣ ଫୁଟିବନି :** ଭୋଟ ଗଣତିକୁ ଆଖି ଆଗରେ ରଖି ନୟାଗଡ ଜିଲାରେ ଡିଜେ ବାଜିବନି, ବାଣ ଫୁଟିବନି । ସେହିପରି ମଦଦୋକାନ ବନ୍ଦ ରହିବ । ଏନେଇ ବିଭିନ୍ନ ଥାନା ପକ୍ଷରୁ ଡିଜେ ମାଲିକ, ବାଣ ପ୍ରସ୍ତୁତକାରୀ ଓ ମଦ ଦୋକାନ ଲାଇସେନ୍ସଧାରୀଙ୍କ ଉଦ୍ଦେଶ୍ୟରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ୩ ଓ ୪ ତାରିଖରେ ମଦ ଦୋକନ ବନ୍ଦ ରଖିବାକୁ ପୋଲିସ ସରକାରୀ ମଦ ଦୋକାନ ଲାଇସେନ୍ସଧାରୀଙ୍କୁ ନିର୍ଦ୍ଦେଶ ଦେଇଛି । ସେହିପରି ବାଣ କାରିଗରମାନେ ବାଣ ବିକ୍ରୟ କରିବେ ନାହିଁ । ପୁଣି ଡିଜେ ଜିଲାରେ ବାଜିବ ନାହିଁ । ଡିଜେ ବଜାଇବା ଓ ବାଣ ବିକ୍ରି ସହ ଫୁଟାଇବା ପାଇଁ ପୋଲିସର ଅନୁମତି ବନ୍ଦ ରଖାଯାଇଛି । ପୋଲିସର ନିର୍ଦ୍ଦେଶକୁ ଅଣଦେଖା କଲେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ଦଣ୍ଡିତ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଅପରପକ୍ଷେ ନୟାଗଡ଼ ଏସ୍‌ପି ରବିବାର ଷ୍ଟାଫ ବୈଠକ କରାଇ ଭୋଟ ଗଣତିରେ ଯେପରି ସୁବିଧାରେ ହେବ ସେନେଇ ପଦକ୍ଷେପ ନେବାକୁ ଆଲୋଚନା କରିଛନ୍ତି ।

